
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୫ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 February 2026
Vol.No. 36 ■ No.53 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ଆମେରିକାକୁ ଚୀନ୍‌ର ଅପିଲ୍: ବାଣିଜ୍ୟ ଯୁଦ୍ଧରେ କେହି ଜିତିବେ ନାହିଁ, ତୁରନ୍ତ ହଟାଅ ଏକପାଖିଆ ଶୁଳ୍କ

ନୂଆଦିଲ୍ଲୀ,୨୪/୨ : ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଆମେରିକା ପକ୍ଷରୁ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଲାଗୁ ହୋଇଥିବା ଏକପାଖିଆ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଅପିଲ୍ କରିଛି। ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ, ଚୀନ୍ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଓ ଏହାର ବିଶ୍ୱସ୍ତରୀୟ ପ୍ରଭାବକୁ ନିକଟରୁ ମୂଲ୍ୟାଙ୍କନ କରୁଛି। ବେଜିଂ କହିଛି, ସଂରକ୍ଷଣବାଦୀ ନୀତି କେବେବି କାହାକୁ ଲାଭ ପହଞ୍ଚାଏ ନାହିଁ। ଏହା ଅନ୍ତର୍ଜାତୀୟ ବାଣିଜ୍ୟ ନିୟମର ସ୍ପଷ୍ଟ ଉଲ୍ଲଂଘନ । ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଚୀନ୍ ମୁଖପାତ୍ର କହିଛନ୍ତି ଯେ, ବାଣିଜ୍ୟ ଯୁଦ୍ଧରେ କୌଣସି ପକ୍ଷ କେବେ ଜିତିପାରନ୍ତି ନାହିଁ। ଚୀନ୍ ସର୍ବଦା ଏକପାଖିଆ ଶୁଳ୍କ ବୃଦ୍ଧିକୁ ଦୃଢ଼



ବିରୋଧ କରିଆସିଛି। ଏହା ବିଶ୍ୱ ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ସୃଷ୍ଟି କରିଥାଏ। ସଂରକ୍ଷଣବାଦ ଆର୍ଥିକ ବିକାଶକୁ ବାଧା ଦିଏ। ଭବିଷ୍ୟତରେ ଏହା କୌଣସି ଦେଶକୁ ଲାଭ ଦେଇନଥାଏ । ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଫେଣ୍ଟାନିଲ୍ ଶୁଳ୍କ ଓ ପାରସ୍ପରିକ ଶୁଳ୍କ କେବଳ ଅନ୍ତର୍ଜାତୀୟ ମାନଦଣ୍ଡ ନୁହେଁ ବରଂ ଆମେରିକାର ଘରୋଇ ଆଇନକୁ ମଧ୍ୟ ଉଲ୍ଲଂଘନ କରୁଛି। ତଥ୍ୟଗୁଡ଼ିକ ବାରମ୍ବାର ପ୍ରମାଣିତ ହୋଇଛି ଯେ, ଯେତେବେଳେ ଚୀନ୍ ଓ ଆମେରିକା ଏକାଠି କାମ କରନ୍ତି, ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପାଇଥାନ୍ତି। ମୁହାଁମୁହିଁ ସ୍ଥିତି ହେଲେ ଉଭୟ ଦେଶ ଯଥେଷ୍ଟ କ୍ଷତି ସହିଥାନ୍ତି। ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ବେଜିଂ ଗୁରୁତ୍ୱାରୋପ କରିଛି, ଦୁଇ ଦେଶ ମଧ୍ୟରେ ସହଯୋଗ ବିଶ୍ୱର ଦୁଇଟି ବୃହତ୍ତମ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ସ୍ଥିରତା ବଜାୟ ରଖିପାରିବ। ଏକପାକ୍ଷିକ କାର୍ଯ୍ୟ କାହାର ସ୍ୱାର୍ଥ ପୂରଣ କରେ ନାହିଁ ଏବଂ ବାଣିଜ୍ୟ ସମ୍ପର୍କରେ କେବଳ ତିକ୍ତତା ଓ ଅବିଶ୍ୱାସ ବୃଦ୍ଧି କରେ। ଆମେରିକାକୁ ଏହାର ଏକପାକ୍ଷିକ ଆଭିମୁଖ୍ୟ ପରିତ୍ୟାଗ କରିବା ଉଚିତ ଓ ଆଲୋଚନା ମାଧ୍ୟମରେ ତଥା ଅନ୍ତର୍ଜାତୀୟ ଆଇନର ଢାଞ୍ଚା ମଧ୍ୟରେ ବାଣିଜ୍ୟ ସମସ୍ୟାର ସମାଧାନ କରିବା ଉଚିତ ବୋଲି ସେ କହିଛନ୍ତି ।

## ନାକେଦମ୍ କଲା ସୁପରମାର୍ଟ ନିଆଁ: କୋଟି କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ



ଭୁବନେଶ୍ୱର, ୨୪/୨ (ନି.ପ୍ର): କାଲି ରାତି ଯାଇ ଆଜି ରାତି ଆସିଲା । ହେଲେ କାବୁ ହେଲାନି ଭୁବନେଶ୍ୱର ଲିଙ୍ଗିପୁର ନିଆଁ । ଏବେ ବି ହୁତୁ ହୁତୁ ଜଳୁଛି ସୁପରମାର୍ଟ । ଅଗ୍ନିଶମ ବିଭାଗର ତମାମ୍ କସରତ ସତ୍ତ୍ୱେ, ଅଗ୍ନିକାଣ୍ଡକୁ ପୂରା ଆୟତ୍ତକୁ ଆସିପାରିନି । ନିଆଁ ପ୍ରକୋପରେ ଛାତ ଓ କାନ୍ଥ ଫାଟି ଆଁ କରିଥିବା ବେଳେ, ଯେ କୌଣସି ମୁହୂର୍ତ୍ତରେ କୋଠା ଭୁଶୁଡ଼ିପାରେ ବୋଲି ଆଶଙ୍କା କରାଯାଉଛି । ନିଆଁ ସମ୍ପୂର୍ଣ୍ଣ ଲିଭିବାକୁ ଆଉ କେତେ ସମୟ ଲାଗିବ ତାକୁ ସମସ୍ତଙ୍କ ଅପେକ୍ଷା ରହିଛି । ସେପଟେ ଅଗ୍ନିଶମ ବିଭାଗର ପାରିବାପଣିଆ ଉପରେ ବି ପ୍ରଶ୍ନ ଚିହ୍ନ ଲାଗିଛି । ୧୮ ଘଣ୍ଟା... ୪ ମହଲା କୋଠା... ୪୦ରୁ ଅଧିକ ଅଗ୍ନିଶମ ଗାଡ଼ି...୧୦୦ରୁ ଅଧିକ ଯବାନ । ଅଗ୍ନିଶମ ବିଭାଗକୁ ନାକରେ ପାଣି ପିଆଇଦେଲା ସୁପରମାର୍ଟର ସୁପର୍ ନିଆଁ । ସୋମବାର ରାତି ପ୍ରାୟ ୧୦ ଟା । ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ସୁପରମାର୍ଟର ତୃତୀୟ ମହଲାରେ ନିଆଁ କେଉଁଠୁ ଲାଗିଲା, କେମିତି ଲାଗିଲା, ଏବେ ବି ଅସ୍ପଷ୍ଟ । ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ । ଆରମ୍ଭ ହୋଇଥିଲା ନିଆଁଲିଭା କସରତ । କିଏ ଜାଣିଥିଲା ରାତି ପାହିଯିବ, କିନ୍ତୁ ବୋଲ ମାନିବନି ନିଆଁ । ଗତକାଲି ରାତି ତମାମ୍ ପାଣି ମାଡ଼ ଚାଲିଥିଲେ ବି, ସମୟ ଯେତେ ଗଡୁଥିଲା, ନିଆଁ ସେତେ ବଢୁଥିଲା । ଆଉ ରାତି ପାହିବା ବେଳକୁ ସାମ୍ନାକୁ ଆସିଥିଲା ଅଗ୍ନି ବିଭୀଷିକାର ଭୟଙ୍କର ଚିତ୍ର । ତୃତୀୟ ମହଲାରୁ ଚତୁର୍ଥ ମହଲାକୁ ବ୍ୟାପିଥିଲା ନିଆଁ । କୋଟି କୋଟି ଟଙ୍କାର କୋଠା ଓ ସାମଗ୍ରୀ ଜଳୁଥିବା ଦେଖି, କୋହ ରୋକି ପାରିନଥିଲେ ସୁପରମାର୍ଟର ମାଲିକ-ମାଲିକାଣୀ । ସୁପରମାର୍ଟର ଉପର ଦୁଇ ମହଲାରେ ପ୍ଲାଷ୍ଟିକ ସାମଗ୍ରୀ ଗୋଦାମ ଥିବାରୁ, ଭୟଙ୍କର ରୂପ ନେଇଥିଲା ଦାବାନଳ । ◆◆ପୃଷ୍ଠା ୭

## ରତ୍ନଭଣ୍ଡାର ଗଣତି ମଣତି ଏସଓପି ନେଇ ବୈଠକ ପରେ ମୁଖ୍ୟ ପ୍ରଶାସକଙ୍କ ସୂଚନା: କହିଲେ ଏସଓପିକୁ ମିଳିଛି ସରକାରଙ୍କ ଅନୁମୋଦନ

ଭୁବନେଶ୍ୱର, ୨୪/୨ (ନି.ପ୍ର): ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶେଷ ହେଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ରତ୍ନଭଣ୍ଡାର ଗଣତି ମଣତି ଏସଓପି ନେଇ ବୈଠକ ଶେଷ ହୋଇଛି । ରାଜ୍ୟ ସରକାର ଏସଓପିକୁ ଅନୁମୋଦନ କରିବା ପରେ ମହାପ୍ରଭୁଙ୍କ ନିକଟରେ ସମର୍ପଣ ହୋଇଥିଲା । ପ୍ରସ୍ତୁତ ଏସଓପିକୁ ହାଇଲେଭଲ୍ କମିଟି, ବିଧି ସବକମିଟି ଏବଂ ପରେ ପରିଚାଳନା କମିଟିରେ ଆଲୋଚନା ହୋଇଥିଲା । ରାଜ୍ୟ ସରକାରଙ୍କ ଅନୁମୋଦିତ ଏସଓପି ଏବେ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି । ଅଳଙ୍କାର ଗଣତିମଣତି ନେଇ ତାରିଖ ଓ ମାହେନ୍ଦ୍ରବେଳାର ନିଷ୍ପତ୍ତି ନେବ ପରିଚାଳନା କମିଟି । ଗଣତିମଣତି ସମୟରେ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ତାଲିକା ପ୍ରସ୍ତୁତ ହୋଇଛି । ଆଜିଠାରୁ ନୀଳାଦ୍ରିବିଜେ ପୂର୍ବରୁ ଗଣତିମଣତି ପାଇଁ ତାଲିକା ପ୍ରସ୍ତୁତ ହୋଇଛି। ଗଣତିମଣତି ପ୍ରକ୍ରିୟାରେ ଦୁଇଟି ଟିମ୍ ରହିବେ। ଗୋଟିଏ



ସୁପରଭାଇଜିଂ ଟିମ୍ ଓ ଅନ୍ୟଟି ହ୍ୟାଣ୍ଡେଲିଂ ଟିମ୍। ଉଭୟ ଟିମ୍ ରେ ମୁଖ୍ୟ ପ୍ରଶାସକ ରହିବେ। ମୁଖ୍ୟ ପ୍ରଶାସକଙ୍କ ଅନୁପସ୍ଥିତରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଦାରଖ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଉପମୁଖ୍ୟ ପ୍ରଶାସକ ଅନୁପସ୍ଥିତ ଥିଲେ ଶ୍ରୀମନ୍ଦିର ନୀତି ପ୍ରଶାସକ ତଦାରଖ କରିବେ। ସୁପରଭାଇଜିଂ ଟିମ୍ ରେ ତିନିଜଣ ରହିବେ। ହ୍ୟାଣ୍ଡେଲିଂ ଟିମ୍‌ରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ମୁଖ୍ୟ ପ୍ରଶାସକ ବା ଉପମୁଖ୍ୟ ପ୍ରଶାସକ,ହାଇଲେଭଲ୍ କମିଟିର ଅଧକ୍ଷ ଦଳପତି ହିସାବରେ, ପରିଚାଳନା କମିଟିର ପାଞ୍ଚଜଣ ସେବକ ମଧ୍ୟରୁ ଜଣେ ରହିବେ,ଭଣ୍ଡାର ମେକାପ, ତଡାଉକରଣ, ବଣିଆ ସେବକ ରହିବେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ବଣିଆଙ୍କ ତାଲିକା ମଗାଯିବ। ତାମଧ୍ୟରୁ ଦୁଇଜଣ ଯାଇପାରିବେ। ବିଭିନ୍ନ ଅଳଙ୍କାର ଚିହ୍ନିବାକୁ ଜଣେ ରହନ୍ତି । ଜଇଓ ରୁ ଜଣେ ରହିବେ । ଆବଶ୍ୟକସ୍ଥଳେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କୁ ଗଣତିମଣତି ସମୟରେ ସାମିଲ କରାଯିବ । ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯିବ। ◆◆ପୃଷ୍ଠା ୭

## ଶେଷହେଲା ପ୍ରଥମ ପର୍ଯ୍ୟାୟ ଅଧିବେଶନ: ଚାଲିଲା କମ୍, କୋଳାହଳ ବେଶି

ଭୁବନେଶ୍ୱର, ୨୪/୨ (ନି.ପ୍ର): ବିଧାନସଭା ବଜେଟ ଅଧିବେଶନର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି । ରାଜ୍ୟବାସୀଙ୍କ ପାଇଁ ଏହି ୭ ଦିନ ବେଶ ଗୁରୁତ୍ୱ ବହନ କରୁଥିଲା । ହେଲେ ରାଜନୈତିକ ଦଳ ପାଇଁ ଏହି ଅଧିବେଶନ ଯେପରି ଗୁରୁତ୍ୱ ହରାଇ ସାରିଥିଲା । ନହେଲେ କଣ ଦୈନିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବିଧାନସଭାରେ ଏମିତି ଅଚଳାବସ୍ଥା ଦେଖିବାକୁ ମିଳିଥାନ୍ତା । ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି କରି କେଉଁ ଦଳ ଲାଭ ପାଇଲା ତାହାର ହିସାବ ଆମେ କରୁନୁ କିନ୍ତୁ ଓଡ଼ିଶାବାସୀ ଯେ କ୍ଷତି ସହିଲେ ତାହା ସ୍ପଷ୍ଟ । ରାଜ୍ୟରେ ମାଳମାଳ



ପ୍ରସଙ୍ଗ ଥିଲା । ଲାଗୁଥିଲା ବିଧାନସଭାରେ ବିତର୍କ ହେବ, ନିଷ୍କର୍ଷ ବାହାରିବ । ସରକାରଙ୍କ ନିର୍ଦ୍ଦେଶ ବିଧାନସଭାରୁ ଆସିବ । ହେଲେ ସେଭଳି କିଛି ଘଟିଲାନି ବିଧାନସଭାର ବଜେଟ ଅଧିବେଶନରେ । ୭ ଦିନର ଗୃହକାର୍ଯ୍ୟରୁ ୩ ଦିନକୁ ଛାଡ଼ିଦେଲେ ବଳକା ୪ ଦିନ ସମ୍ପୂର୍ଣ୍ଣ ଧୋଇଯାଇଥିଲା । ଗୃହକାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ପ୍ରତିବାଦ ଅବତାର ଦେଖିବାକୁ ମିଳିଥିଲା । କେତେବେଳେ ପ୍ଲାକାର୍ଡ ଧରି ହୋହଲ୍ଲା, ତ ପୁଣି କେତେବେଳେ ଧାନ ମୁଣ୍ଡାଇ ନାରାବାଜି । କଳାପଟି ପିନ୍ଧି ଗୃହ କମ୍ପାଉଥିଲେ ବିରୋଧୀ । ଜିଦ୍ ଗୋଟିଏ, ଚାଷୀ ଓ ମଣ୍ଡି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିବୃତ୍ତି ରଖନ୍ତୁ ଓ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ । ଅଚଳାବସ୍ଥା ଭିତରେ ମାତ୍ର କେଇ ଘଣ୍ଟାରେ ସୀମିତ ରହି ଯାଇଥିଲା ଗୃହକାର୍ଯ୍ୟ । ଶେଷଦିନରେ ମୁଲତବୀ ପ୍ରସ୍ତାବରେ ଆଲୋଚନା ପାଇଁ ସରକାର ଆଗଭର ହୋଇଥିଲେ ମଧ୍ୟ ବିରୋଧୀଙ୍କ ଆଭିମୁଖ୍ୟ ଭିନ୍ନ ଥିଲା । ◆◆ପୃଷ୍ଠା ୭

## ହତ୍ୟାକାରୀ ପ୍ରେମିକକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର, ୨୪/୨ (ନି.ପ୍ର): ୨୦୧୦ ମସିହା ଖାରବେଳନଗର ଡାକ୍ତରୀ ଛାତ୍ରୀ ହତ୍ୟା ଘଟଣାରେ ହତ୍ୟାକାରୀ ପ୍ରେମିକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ହତ୍ୟାକାଣ୍ଡର ୧୫ ବର୍ଷ ପରେ ଏଡିଜେ ୪ ଭୁବନେଶ୍ୱର କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ରାଜେଶ କୁମାର ସେଠୀଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଲେ ମାନ୍ୟବର କୋର୍ଟ।୨୦ ଜଣ ସାକ୍ଷୀ, ୩୫ ଟି ଦସ୍ତାବିଜ ଆଧାରରେ ଦଣ୍ଡବିଧାନ ହୋଇଛି। ସିଡ଼ିଆର, ବ୍ଲଡ଼ ଷ୍ଟେଂଟ ସାମ୍ପୁଲ ଓ ସାଇଂଟିଫିକ ଏଭିଡ଼େନ୍ସ ଆଧାରାରେ ହୋଇଛି କରାଯାଇଛି। ୨୦୧୦ ମସିହା ମାର୍ଚ୍ଚ ୨୩ ତାରିଖରେ ଖାରବେଳନଗର ଥାନା ଅଂଚଳରେ ମେଡ଼ିକାଲ ଛାତ୍ରୀଙ୍କୁ ବିଭତ୍ସ ହତ୍ୟାକାଣ୍ଡ ହୋଇଥିଲା।

## ଝାରସୁଗୁଡାରେ ହେବ ଅନ୍ତର୍ଜାତୀୟ ଷ୍ଟାଡିୟମ

ଭୁବନେଶ୍ୱର, ୨୪/୨ (ନି.ପ୍ର): ଝାରସୁଗୁଡା ମାଲିମୁଣ୍ଡାରେ ହେବ ଅନ୍ତର୍ଜାତୀୟ ଷ୍ଟାଡିୟମ । ଏଥିପାଇଁ ଡିପିଆର ପ୍ରସ୍ତୁତ କରିବାରକୁ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ସଂସ୍ଥାକୁ ଦିଆଯାଇଛି। ଅନୁମୋଦନ ପରେ ନିର୍ମାଣ କାମ ଆରମ୍ଭ ହେବ । ସେହିପରି ସରବାହାଲରେ ମଲ୍ଟି ପରପୋଜ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି।

## ଭୁବନେଶ୍ୱରରେ କାଳବୈଶାଖୀ: ହୋର୍ଡିଂ ଭୁଶୁଡ଼ି ଜଣଙ୍କର ମୃତ୍ୟୁ

### ଆଜି ୫ ଜିଲାରେ ପ୍ରବଳ ବର୍ଷା: ଜାରି ହେଲା ୟେଲୋ ୱାର୍ଣ୍ଣ



ଭୁବନେଶ୍ୱର, ୨୪/୨ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଛି। ଅଚାନକ ପାଗ ପରିବର୍ତ୍ତନ ସହିତ ଝଡ଼ ତୋଫାନ ଓ ବର୍ଷା। ହୋଇଥିଲା। ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏକାଧିକ ଦୋକାନ ଘର ମଧ୍ୟ ଭାଙ୍ଗିଯାଇଛି। ସହରର ବିଭିନ୍ନ ଅଞ୍ଚଳରେ ଜୋରଦାର ପବନ ବହିବା ସହିତ ଗଛ, ବିଦ୍ୟୁତ ଖୁଣ୍ଟ ଓ କିଛି ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ◆◆ପୃଷ୍ଠା ୭

## କେରଳ ହେବ କେରଳମ୍: କେନ୍ଦ୍ର କ୍ୟାବିନେଟର ନାମ ପରିବର୍ତ୍ତନକୁ ମଞ୍ଜୁରୀ



ନୂଆଦିଲ୍ଲୀ,୨୪/୨ : ମଙ୍ଗଳବାର ନୂତନ ପିଏମ୍‌ଓ କୋଠା, ସେବା ତୀର୍ଥରେ ଅନୁଷ୍ଠିତ ପ୍ରଥମ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ,ରାଜ୍ୟର ନାମକୁ କେରଳମ୍ କରିବା ପାଇଁ କେରଳ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏପ୍ରିଲ-ମେ ମାସରେ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। କେରଳ ବିଧାନସଭା ୨୪ ଜୁନ୍, ୨୦୨୪ରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ କରିଥିଲା। ଯେଉଁଥିରେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ନାମ ଆନୁଷ୍ଠାନିକ ଭାବରେ ◆◆ପୃଷ୍ଠା ୭

## ମୋଦୀଙ୍କୁ ଟାର୍ଗେଟ କଲେ ରାହୁଲ ଗାନ୍ଧୀ: ଚାଷୀ ସମାବେଶରେ ବର୍ଷିଲେ

ନୂଆଦିଲ୍ଲୀ,୨୪/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଟାର୍ଗେଟ୍। ଆଜି ମଧ୍ୟପ୍ରଦେଶର ଭୋପାଳରେ କଂଗ୍ରେସ ପକ୍ଷରୁ ଆୟୋଜିତ ବିଶାଳ ଚାଷୀ ସମାବେଶରେ ମୋଦୀଙ୍କ ବିରୋଧରେ ଗର୍ଜିଛନ୍ତି ରାହୁଲ ଗାନ୍ଧୀ । ରାହୁଲ ଅଭିଯୋଗ କରିଛନ୍ତି ଯେ ଭାରତକୁ ବିକିଦେବା ପାଇଁ ଆମେରିକା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିଲ୍ କରିଛନ୍ତି। ଏପଷ୍ଟିନ ଫାଇଲ୍ ଓ ଗୌତମ ଆଦାନି ମାମଲାରେ ମୋଦୀ ଚାପରେ ଥିବା ଅଭିଯୋଗ କରିଛନ୍ତି ରାହୁଲ । ଏଥିପାଇଁ ମୋଦୀ ଭାରତର ଓ



ଭାରତୀୟ ଚାଷୀଙ୍କ ତଥ୍ୟ ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି । ସେହିପରି ଦେଶର ଇତିହାସରେ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତାଙ୍କୁ ଲୋକସଭାରେ କହିବାର ସୁଯୋଗ ଦିଆଗଲା ନାହିଁ। ଚୀନ ଅନୁପ୍ରବେଶ ସମୟରେ ସୀମାରେ ତତ୍କାଳୀନ ସ୍ଥଳସେନା ମୁଖ୍ୟ ମନୋଜ ମୁକୁନ୍ଦ ନରବଣେଙ୍କୁ ଭାରତ ସରକାର କିପରି ଏକାକୀ ଛାଡ଼ିଦେଇଥିଲେ, ତାହା ସେ କହିବାକୁ ଚାହୁଥିଲେ। ଏହି ପ୍ରସଙ୍ଗରେ ନରବଣେଙ୍କ ବହି କଥା ଉଲ୍ଲେଖ କରିଥିଲେ ରାହୁଲ। ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଅଖିଳ ଭାରତ କଂଗ୍ରେସ ପକ୍ଷରୁ ଭୋପାଳରେ କିଷାନ ମହାପଞ୍ଚାୟତ ଆୟୋଜନ କରାଯାଇଥିଲା । ◆◆ପୃଷ୍ଠା ୭

## ଆସନ ବଣ୍ଟାକୁ ନେଇ ଡିଏମକେ - କଂଗ୍ରେସ ଭିତରେ ନୂଆମୋଡ଼

ନୂଆଦିଲ୍ଲୀ,୨୪/୨ : ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟାକୁ ନେଇ ଶାସକ ଡିଏମକେ ଓ କଂଗ୍ରେସ ମଧ୍ୟରେ ଚାଲିଥିବା ଆଲୋଚନା ନୂଆମୋଡ଼ ନେଇଛି । ଅତିକମରେ ୪୦ଟି ବିଧାନସଭା ଆସନ ଓ ଗୋଟିଏ ରାଜ୍ୟସଭା ଆସନ ପାଇଁ ଦାବି କରୁଛି କଂଗ୍ରେସ । ମାତ୍ର କଂଗ୍ରେସକୁ ଡିଏମକେ ଗୋଟିଏ ରାଜ୍ୟସଭା ଆସନ ଛାଡ଼ିବାକୁ ରାଜି ଥିଲେ ମଧ୍ୟ ୨୫ରୁ ଅଧିକ ବିଧାନସଭା ଆସନ ଛାଡ଼ିବାକୁ ଚାହୁନାହିଁ । ତାମିଲନାଡୁରେ ୪୦ଟି ବିଧାନସଭା ଆସନରେ ଲଢ଼ିବାକୁ କଂଗ୍ରେସର ଜିଦ୍ ପଛରେ କାରଣ କ'ଣ? ତାମିଲନାଡୁରେ ଗୋଟିଏ ରାଜ୍ୟସଭା ଆସନ ଜିତିବାକୁ ୩୪ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ରାଜ୍ୟ କଂଗ୍ରେସ ନେତୃତ୍ୱଙ୍କ ମତରେ ୪୦ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କଲେ ୩୪-୩୫ଟି ଆସନ ◆◆ପୃଷ୍ଠା ୭

# ସର୍ବସାଧାରଣ ରାସ୍ତାରୁ ୨୬ଟି ପୁରୁଣା ଯାନବାହନ ହଟାଗଲା

ପୁରୀ, ୨୪/୨ (ନି.ପ୍ର): ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ଓ ସୁଗମ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ସୋମବାର ସକାଳୁ ଏକ ବିଶେଷ ଅଭିଯାନ ଚାଲୁରହିଛି । ସହରର ବିଭିନ୍ନ ସର୍ବସାଧାରଣ ରାସ୍ତା, ଛକ, ବଜାର ଅଂଚଳରେ ଦୀର୍ଘ ସମୟ ଧରି ପାର୍କ କରି ରଖାଯାଇଥିବା ପୁରୁଣା ଓ ଅବ୍ୟବହୃତ ଯାନବାହନଗୁଡ଼ିକ ଯାତାୟାତ ଜାମର ମୁଖ୍ୟ କାରଣ ହୋଇଯାଇଥିବା ପ୍ରତ୍ୟକ୍ଷ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ପୁରୀ ଟ୍ରାଫିକ ଥାନା ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜିର ଅଭିଯାନରେ ସାର୍ବଜନିକ ରାସ୍ତାରେ ଦୀର୍ଘ ସମୟ ଧରି ରହିଥିବା ମୋଟ ୨୬ଟି ଯାନବାହନ ସେହି ସ୍ଥାନରୁ ହଟାଯାଇଛି । ଏହି ଯାନଗୁଡ଼ିକ ମଧ୍ୟରୁ କିଛି ଯାନ ଅଚଳ ଅବସ୍ଥାରେ ଥିବା ସହିତ କିଛି ଯାନ ମାଲିକଙ୍କ ଅବହେଳାରେ ରାସ୍ତାରେ ରଖାଯାଇଥିଲା, ଯାହା ଫଳରେ ସାଧାରଣ ଲୋକମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ପୁରୀ ସହର ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅତ୍ୟନ୍ତ ସଂବେଦନଶୀଳ ଅଂଚଳ। ବିଶେଷକରି ଶ୍ରୀମନ୍ଦିର ପରିସର ଓ ସମୁଦ୍ରତଟ ଅଂଚଳରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଛି। ଏପରି ସ୍ଥିତିରେ ରାସ୍ତା ଆର୍ଶ୍ୱ ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବରେ ଯାନ ରଖାଯାଇଥିବାରୁ ଆପତ୍କାଳୀନ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀର ଚଳାଚଳରେ ବି ଅସୁବିଧା ସୃଷ୍ଟି ହେଉଛି। ସେଥିପାଇଁ ଏହି ପ୍ରକାର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଅଭିଯାନଟି ଏସପି ପୁରୀ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଚାଲୁରହିଛି । ତାଙ୍କ ନିର୍ଦ୍ଦେଶ ଅନୁସାରେ ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ କରିବା, ରାସ୍ତା ଜାମ ହ୍ରାସ କରିବା ଓ ସାଧାରଣ ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ ପୋଲିସ ଦ୍ୱାରା ନିୟମିତ ଯାଂଚ୍ ଓ ଅଭିଯାନ ଚାଲିଥିବାରୁ ଆଗାମୀ ଦିନରେ ଏହାକୁ ଆହୁରି ଜୋରଦାର କରାଯିବ। ପୁରୀ ସହରର ଯେକୌଣସି ଅଂଚଳରେ ଯଦି କୌଣସି ନାଗରିକ ଦୀର୍ଘ ସମୟ ଧରି ତାଙ୍କର ଯାନବାହନ ସାର୍ବଜନିକ ରାସ୍ତାରେ ପାର୍କିଂ କରି ରଖିଥାନ୍ତି, ତେବେ ଦୟାକରି ତତ୍କ୍ଷଣାତ୍ ସେହି ଯାନକୁ ସ୍ୱଇଚ୍ଛାରେ ହଟାଇ ନେବାକୁ ଅନୁରୋଧ କରାଯାଉଛି। ନହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ। ଏହା ସମ୍ବନ୍ଧରେ ଯଦି କୌଣସି ଯାନମାଲିକଙ୍କୁ ସୂଚନା ଦେବେ ଟ୍ରାଫିକ ଥାନା ସହିତ ସମ୍ପର୍କ କରିପାରିବେ କିମ୍ବା ମୋବାଇଲ ନମ୍ବର ୯୪୩୮୯୧୬୩୮୮ ରେ ଯୋଗାଯୋଗ କରିପାରିବେ। ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସହରର ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ସମସ୍ତେ ସହଯୋଗ କରନ୍ତୁ ଓ ସାର୍ବଜନିକ ସ୍ଥାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ପାର୍କିଂ କରି ରଖିବେ ନାହିଁ। ସମସ୍ତଙ୍କ ସହଯୋଗ ଦ୍ୱାରା ପୁରୀ ସହରକୁ ଆହୁରି ବ୍ୟବସ୍ଥିତ ଓ ଯାତାୟାତ ମୁକ୍ତ କରାଯାଇପାରିବ।

# ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୨୪/୨ (ନି.ପ୍ର): ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଚଳିତ ମାସ ୨୮ ତାରିଖରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି, ଶୃଙ୍ଖଳାର ସହ ସମାପନ ସହିତ ଏକ ସମନ୍ୱୟ ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଆଧ୍ୟାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପର୍ଣ୍ଣ ପାଇଁ ଅନୁରୋଧ କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ।ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନରେ ସମସ୍ତେ ସାମିଲ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜୀତେନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ସମ୍ପର୍କରେ ବିଷଦ ସୂଚନା ଦେଇ ଚଳିତ ମାସ ୨୮ ତାରିଖରେ ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭ ରାଶିରେ ସୂର୍ଯ୍ୟଙ୍କର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନ ଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ପୂର୍ବାହ୍ନ ୮ଟା ୩୦ ମିନିଟରୁ ଏମାର ମଠ ଚକଡା ଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀ ନାରାୟଣ ବିଜେଘାଟରେ ପହଂଚିବ। ସେଠାରେ ଦିନ ୧୦ଟା୧୮ ମିନିଟରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅମୃତ ବେଳା ସ୍ନାନ ସମୟରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠର ମହାବୀରଙ୍କ ସହିତ ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ନିଶାଣଙ୍କ ସହିତ ଶୋଭାଯାତ୍ରାରେ ସାମିଲ ହେବେ ଓ ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହିତ ନାମ କୀର୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଲାଇଫ ଗାର୍ଡ ମୁତୟନ, ଆମ୍ବୁଲାନ୍ସ ବ୍ୟବସ୍ଥା, ବ୍ୟାଟେରୀ ଗାଡି ବ୍ୟବସ୍ଥା, ସଂକୀର୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ଅତିରିକ୍ତ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ନାରାୟଣ ରାମାନୁଜ ଦାଶ, ଶ୍ରୀନିବାସ ଦାଶ, ନରେନ୍ଦ୍ର ମହାନ୍ତି, କୃଷ୍ଣ ଚନ୍ଦ୍ର ଦାସ, ମନୋଜ ଦାସ, ଶେଖର ସାମନ୍ତରା, ଜୟନ୍ତ ମହାସୁଆର, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମାଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨୪/୨ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ବକ୍ତା ମାନେ ନିଜ ନିଜ ବକ୍ତବ୍ୟରେ ସୂଚୀତ କରାଇଥିଲେ ଏବେ ବି ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ପାଇଁ ଆନ୍ଦୋଳନର ସଫଳତା ଦିଗରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଓ ଭାଷା ଚେତନା ଅତ୍ୟନ୍ତ ଜରୁରୀ। ଲେଖକ ଲେଖିକା ମାନେ ମଧ୍ୟ ନିଜ ଆଲେଖ୍ୟ ସହ ସଙ୍ଗଠିତ ହୋଇ ଆନ୍ଦୋଳନରେ ସାମିଲ ହୋଇପାରିଲେ ଉପସ୍ଥାପିତ ଦାବିର ଗୁରୁତ୍ୱ ନିଶ୍ଚିତ ବୃଦ୍ଧି ପାଇ ପାରନ୍ତା । ଲକ୍ଷ୍ୟ ହାସଲ ପାଇଁ ରଚନାତ୍ମକ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାରେ କଲମର ସଭାପତି ତଫିଜୁଲ ହୁସେନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅନୁଷ୍ଠାନ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପରେ କଲମ ପରିବାର ଟ୍ରଷ୍ଟର ଉପଦେଷ୍ଟା ଡ଼. ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଭାଷା ଆନ୍ଦୋଳନଥି, ଆମର୍ ଏକତା କେତେ ଦୂର' ଶୀର୍ଷକ ଆଲୋଚନାଚକ୍ରରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ବିଶିଷ୍ଟ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ଅଧ୍ୟାପକ ଓ ସାହିତ୍ୟିକ ମୋହନ ସାହୁ ଅଲୋଚକ ଭାବେ ଯୋଗ ଦେଇଥିଲେ। ପରେ ପୁତୁଲ ସୁପ୍ରିୟା ଦାସଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବିତା ପାଠ ପରେ ବିଶିଷ୍ଟ ସାହିତ୍ୟିକ ଅନୀଲ କୁମାର ଦାସ କବିତା ଗୁଡ଼ିକର ସମୀକ୍ଷା କରିଥିଲେ। ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ସମାଜକୁ ନେଇ ସଚେତନତା ସଭା

ଜୟପୁର, ୨୪/୨ (ନି.ପ୍ର): ଜୟପୁର ରାଜା ନହର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ସମାଜର ସୁରକ୍ଷା ନିମନ୍ତେ ଯୁବସମାଜକୁ ଅପରାଧିକ ଗତିବିଧି ରୁ ବିମୁଖ କରି ସେମାନଙ୍କୁ ପରିଶ୍ରମ କରି ଆର୍ଥିକ ସ୍ୱଚ୍ଛଳ କରାଇବା ଚେଷ୍ଟାରେ ପ୍ରାଥମିକ ପଦକ୍ଷେପ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଆଜି ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସମାଜରେ ଛାତ୍ର ଓ ଯୁବ ବର୍ଗ ସାମାନ୍ୟ କିଛି ସମସ୍ୟା ତଥା ରୋଜଗାର ଚିନ୍ତାରେ ଭୁଲ ରାସ୍ତାରେ ଅଗ୍ରସର ଯେପରିକି ନିଶା ଦ୍ରବ୍ୟ ସେବନ, ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ସେମାନଙ୍କ ପରିବାର ଏବଂ ଆମ ସମାଜ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ଏହି ଛାତ୍ର ଏବଂ ଯୁବ ସମାଜକୁ ଭୁଲ ରାସ୍ତାରେ ନଯାଇ ନିଶା ସେବନ ନକରିବାକୁ ଏବଂ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ହେବାକୁ ସଚେତନତା କାର୍ଯ୍ୟକ୍ରମ ସହ ଏମାନଙ୍କ ମୁଖ୍ୟ ସମସ୍ୟା ବିଷୟରେ ଅନୁଧ୍ୟାନ କରି ସେମାନଙ୍କୁ ରୋଜଗାରର ରାସ୍ତା ଦେଖାଇବାକୁ ଏକ ପ୍ରୟାସ ଆରମ୍ଭ କରାଗଲା। ଏହି ସଭାରେ ଅତିଥି ଭାବେ ଜେକେ ବିକେ ଏଂଟରପ୍ରାଇଜେସ୍ ର ସଞ୍ଜୟ ଜୈନ, ହିନ୍ଦୁସ୍ଥାନ ସେଲ୍ସ ର ହିମାଂଶୁ ଅଗ୍ରୱାଲ, ହଟେଲ୍ ସିଗ୍ନେଚର୍ ମାଲିକ ଲବ ହାରନ୍, ସୋନାଲିକା ଟ୍ରାକ୍ଟର ସୋରୁମ୍ ମାଲିକ ଗୌରି ସରଣ ଦେବଶର୍ମା, ମିଲର୍ ଏସୋସିଏସନ ର ପୂର୍ଣ୍ଣ ପଟ୍ଟନାୟକ, ଚାମ୍ବର ଅଫ୍ କମର୍ସ ର ଉପସଭାପତି ଏ ସ୍ରିନୁ, ବିଶିଷ୍ଟ ଠିକାଦାର ଅମର ବୁଦଓ୍ୱାର, ବିଶିଷ୍ଟ ବ୍ୟବସାୟୀ ହିରା ଲାଲ୍ ପଟେଲ, ସତୀଶ ନନ୍ଦ, ଠିକାଦାର ଗଣେଶ ନାୟକ, କୃଷ୍ଣ ଗୌଡ, ସଞ୍ଜୟ ନାୟକ, ବଳରାମ ସେଠି, ଅଜିତ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ର ଏବଂ ଯୁବ ସମାଜକୁ ଭୁଲ ରାସ୍ତା ନଯାଇ ନିଶା ସେବନ ନକରିବାକୁ ସଚେତନ କରିବା ସହ ଅପରାଧିକ କାର୍ଯ୍ୟକଳାପରେ ଜଡିତ ନ ରହି ନିଜେ କଷ୍ଟ ପଡି ରୋଜଗାର କରିବାକୁ ସଚେତନ କଲେ ଏବଂ ଏହି ରୋଜଗାର ପ୍ରଦାନରେ ସେମାନେ ଯଥା ସମ୍ଭବ ସହଯୋଗ କରିବେ ବୋଲି କହିବା ସହ ଏଠାରେ ସଞ୍ଜୟ ନାୟକ ନାମକ ଠିକାଦାର ତାଙ୍କର ୭୦ ଲକ୍ଷ ଟଙ୍କାର କାର୍ଯ୍ୟ ଛାତ୍ର ମାନଙ୍କୁ ପ୍ରଦାନ କଲେ ଏବଂ ଏଥିରୁ ସେ କୌଣସି ଲାଭ ନେବେ ନାହିଁ। ପିଲାମାନେ କାର୍ଯ୍ୟ କରିବେ ଏବଂ ସମସ୍ତ ଲାଭ ନେବେ ବୋଲି ପ୍ରତିଶ୍ରୁତି ଦେଲେ। ସେହିପରି ସଞ୍ଜୟ ଜୈନ ଆସନ୍ତା କାଲି ସୁଦ୍ଧା ୩ ରୁ ୪ ଜଣ ପିଲାଙ୍କୁ କାମରେ ରଖିବାକୁ ପ୍ରତିଶ୍ରୁତି ଦେଲେ। ହୋଟେଲ ସିଗ୍ନେଚର ରେ ୨ ରୁ ୩ଟି ଆବଶ୍ୟକ ପ୍ରୋଫାଇଲ୍ ଥିବା ପିଲାଙ୍କୁ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ମାନେ ମଧ୍ୟ ଏହିଭଳି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ କହିଲେ। ଏବଂ ଶେଷରେ ଛାତ୍ର ଏବଂ ଯୁବ ସମାଜ ଭୁଲ ଦିଗରେ ଗତି କଲେ ଏହା ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ଆମ ସମାଜର ବହୁତ କ୍ଷତି ହେବ। ଏଣୁ ସମାଜର ମଙ୍ଗଳ ନିମନ୍ତେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରବିନ୍ଦ୍ର ମହାପାତ୍ର ମଂଚ ପରିଚାଳନା କରିଥିଲେ ଏବଂ ଏଠାରେ ଅନେକ ଯୁବକ ଏବଂ ଛାତ୍ର ମାନେ ଯୋଗ ଦେଇଥିଲେ।

# ୪ ଶହ ବର୍ଷର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ପ୍ରତିଷ୍ଠା ଉତ୍ସବ ନେଇ ବ୍ୟାପକ ପ୍ରସ୍ତୁତି

ଭଦ୍ରକ, ୨୪/୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ସୋହଡ଼ା ପଂଚାୟତ ଗୌରାଙ୍ଗପୁର ଜୟନ୍ତରା ରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ଉତ୍ସବକୁ ଭବ୍ୟ ରୂପେ ପାଳନ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ କମିଟି ପକ୍ଷରୁ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଚଳିତ ମାସ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ୨୪ ତାରିଖରେ ବେଦୀ ପ୍ରସ୍ତୁତି, ମଣ୍ଡଳ ରଚନା ଓ ୨୪ ପ୍ରହରୀ ନାମ ସଙ୍କୀର୍ତନର ସୁଭାଧିବାସ କାର୍ଯ୍ୟକ୍ରମ ରହିଛି। ୨୫ ତାରିଖରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ସୁଭଯାତ୍ରା ଅନୁଷ୍ଠିତ ହେବା ସହିତ ଶ୍ରୀ ଚୈତନ୍ୟଙ୍କ ନାମରେ ପୁସ୍ତକ ଉନ୍ମୋଚନ, ଯଜ୍ଞାରମ୍ଭ ଓ ଅଙ୍କୁର ପୂଜା କାର୍ଯ୍ୟ ସମ୍ପନ୍ନ ହେବ। ୨୬ ତାରିଖରେ ନୂତନ ବିଗ୍ରହ ର ପ୍ରାଣ ପ୍ରତିଷ୍ଠା, ବୈଷ୍ଣବ ସମ୍ମିଳନୀ ଓ ପୁରୁଣା ବିଗ୍ରହଙ୍କ ପାତାଳୀ କାର୍ଯ୍ୟ ହେବ। ୨୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଓ ୨୮ ତାରିଖରେ ସାଧୁ, ସନ୍ଥ ସମ୍ମିଳନୀ, ନଗର ପରିକ୍ରମା ସହିତ ଉତ୍ସବର ସମାପନ ହେବ। ପ୍ରକାଶ ଥାଉକି ପ୍ରାୟ ୪୦୦ ବର୍ଷ ପୂର୍ବରୁ ଏହି ମଠରେ ଚୈତନ୍ୟ ମହାପ୍ରଭୁଙ୍କ ବିଗ୍ରହର ପୂଜାର୍ଚ୍ଚନା ହୋଇଆସୁଥିଲା। ଦୀର୍ଘବର୍ଷ ଧରି ବିଗ୍ରହ ନଷ୍ଟ ହୋଇ ଯାଇଥିବାରୁ ଅଂଚଳବାସୀଙ୍କ ପକ୍ଷରୁ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଏହି ମହାନୁଷ୍ଠାନର ଆୟୋଜନ କରାଯାଇଛି। ଇତିହାସ ଅନୁସାରେ ୧୫୨୬ ମସିହାରେ ସ୍ଥାନୀୟ ବଂଶୀଧର ଗୋସ୍ୱାମୀଙ୍କ ଦ୍ୱାରା ଚୈତନ୍ୟ ମଠଟି ସ୍ଥାପିତ ହୋଇଥିଲା। ପୁରୀ ଯାତ୍ରା ସମୟରେ ଚୈତନ୍ୟ ମହାପ୍ରଭୁ ଏଠାରେ ବିଶ୍ରାମ ନେଇଥିବାରୁ ଏହା 'ଚୈତନ୍ୟ ମଠ' ନାମରେ ପରିଚିତ ହୋଇଥିଲା। ଗୌରାଙ୍ଗ ଦେବଙ୍କ ନାମାନୁସାରେ ଗ୍ରାମଟି 'ଗୌରାଙ୍ଗପୁର' ଭାବେ ପରିଚିତ। ଆଜିର ପ୍ରସ୍ତୁତି ବୈଠକରେ ଘନଶ୍ୟାମ ଦାସ ଗୋସ୍ୱାମୀ, ବିନୋଦ ନାୟକ, କୁଳମଣି ବେହେରା, ମନୋରଞ୍ଜନ ମହାପାତ୍ର, ହରିହର ଦାଶ, ସନ୍ତୋଷ ଦାଶ ଅଧିକାରୀ, ବିଜୟ ଦାଶ, ତପନ କୁମାର ଦାଶ, ଦଶରଥ ଦାଶ, ଚିନ୍ମୟ ଦାଶ, ସୁରେନ୍ଦ୍ର ଦାଶ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ସତ୍ୟବାଦୀ/ପୁରୀ, ୨୪/୨ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୫୪ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୪୪ ଗୋଟି ବ୍ୟକ୍ତିଗତ, ୮ ଗୋଟି ଗ୍ରାମ ସମ୍ବନ୍ଧୀୟ,୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଗୋଟିଏ ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୪ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ସେହିପରି ୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ ଚେୟାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀ ରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଜୟପୁରକୁ ନୂତନ ଜିଲ୍ଲା ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର, ୨୪/୨ (ନି.ପ୍ର): କୋରାପୁଟ ଜିଲା ଜୟପୁର ନଗରିକଙ୍କ ତରଫରୁ ଜିଲା ଘୋଷଣା କରିବାକୁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଡ କଲେକ୍ଟର ବାଲାଜି ବ୍ରହ୍ମାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଭାରତୀୟ ସଂବିଧାନର ଅନୁଚ୍ଛେଦ ୧୬୨ ଅନୁସାରେ ଜୟପୁରକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରାଯାଉ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରରେ କୁହାଯାଇଛି ଯେ, ଦଶକ ଧରି ଚାଲୁଥିବା ପ୍ରଶାସନିକ ଅସୁବିଧା ଓ ଅବହେଳା ଦୃଷ୍ଟିରେ ରଖି ଜୟପୁରକୁ ଜିଲ୍ଲାର ମର୍ଯ୍ୟାଦା ଦିଆଯିବା ଆବଶ୍ୟକ। ପ୍ରସ୍ତାବ ଅନୁସାରେ ଜୟପୁର ସବଡିଭିଜନ ସହିତ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍, ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲି ଏବଂ ନବରଙ୍ଗପୁର ଜିଲ୍ଲାର କୋସାଗୁମୁଡା ଅଂଚଳକୁ ଏହି ନୂତନ ଜିଲ୍ଲାରେ ସମ୍ମିଳିତ କରିବା ପାଇଁ ଅନୁରୋଧ କରାଯାଇଛି। ନାଗରିକମାନଙ୍କ ମତାନୁସାରେ, ଜୟପୁରକୁ ନୂତନ ଜିଲ୍ଲା ଘୋଷଣା କରାଗଲେ ପ୍ରଶାସନିକ କାର୍ଯ୍ୟକ୍ଷମତା ବୃଦ୍ଧି ପାଇବା ସହିତ ଅଂଚଳରେ ଉନ୍ନତିର ନୂତନ ଦ୍ୱାର ଖୋଲିବ । ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରାଥମିକ ସୁବିଧାରେ ଉନ୍ନତି ଆସିବ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି। ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ରାଜ୍ୟ ସରକାର କେମିତି ପଦକ୍ଷେପ ନେବେ, ସେଥିପାଇଁ ଏବେ ସମସ୍ତଙ୍କ ଦୃଷ୍ଟି ରହିଛି। ଜୟପୁର ଉପଖଣ୍ଡ କୋରାପୁଟ ଜିଲାର ଲମତାପୁଟ ବ୍ଲକ, ମାଲକାନଗିରି ଜିଲାର ଗୋବିନ୍ଦପାଲ୍ଲି, ନବରଙ୍ଗପୁର ଜିଲାର କୋସାଗୁମୁଡାକୁ ମିଶାଇ ଏକ ନୂତନ ଜୟପୁର ଜିଲା ସୃଷ୍ଟି କରିବାକୁ ଅନୁରୋଧ କରାଯାଇଛି । ଜୟପୁର ସହର ହେଉଛି ଓଡିଶାର ସବପୁରାତନ ସହର ସ୍ୱାଧିନତା ପୂର୍ବରୁ ଏବଂ କୋରାପୁଟ ଜିଲା ବିଭାଜନ ପୂର୍ବରୁ ଜୟପୁର ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା । ବିଭାଜନ ପରେ ଜୟପୁର ଏହାର ଗୁରୁତ୍ୱ ହରାଇଥିଲା । ଜୟପୁର ରାଜା ରାଜ୍ୟର ଅଖଣ୍ଡତା ବଜାୟ ରଖିଥିଲେ । ଏବଂ ସ୍ୱାଧିନତା ପୂର୍ବରୁ ଉତ୍କଳ ପ୍ରଦେଶ ଗଠନ ପାଇଁ ବଳିଦାନ ଦେଇଥିଲେ । ଏବଂ ତାଙ୍କର ସର୍ବୋତମ ପ୍ରୟାସ କରିଥିଲେ । କୋରାପୁଟ ଉପଖଣ୍ଡଟି ୫ ହଜାର ୮୩୭ ବର୍ଗ କିଲୋମିଟ ଅଂଚଳରେ ରହିଥିବା ବେଳେ ଜୟପୁର ଉପଖଣ୍ଡ ୨ହଜାର ୯ ଶହ ୭୦ ବର୍ଗ କିଲୋମିଟର ଅଂଚଳକୁ ବ୍ୟାପିଛି । ଜୟପୁର ଉପଖଣ୍ଡଟି ଛତିଶଗଡ ରାଜ୍ୟ ସହିତ ସୀମା ଅଂଶୀଦାର ରହିଛି । ଜୟପୁର ଉପଖଣ୍ଡରେ ପ୍ରାୟ ୪ ଲକ୍ଷ ଜନସଂଖ୍ୟା ରହିଛି । ଜୟପୁର ଉପଖଣ୍ଡର ଜନସାଧାରଣ ଜୟପୁର ଉପରେ ହିଁ ନର୍ଭର କରୁଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଏପର୍ଯ୍ୟନ୍ତ ଏପରି କୌଣସି ପ୍ରକଳ୍ପ କାର୍ଯ୍ୟକାରି ହେଉନାହିଁ । ଜୟପୁରକୁ ଜିଲା ମାନ୍ୟତା ଦେଲେ ଜୟପୁର ଉପଖଣ୍ଡ ସହ ମାଲକାନଗିରି ଜିଲାର ଗୋବିନ୍ଦପାଲ୍ଲି, ନବରଙ୍ଗପୁର ଜିଲାର କୋସାଗୁମୁଡା ବ୍ଲକ ବାସୀ ଉପକୃତ ହେବେ । ଏହା ସହ ସରକାରି ଯୋଜନାର ଲାଭ ପାଇପାରିବେ । ଜୟପୁର ଉପଖଣ୍ଡର ଜନସାଧାରଣ କୋରାପୁଟ ଉପରେ ନିର୍ଭର କରୁଛନ୍ତି । ଫଳରେ ସାଧାରଣ ଜନତା ହଇରାଣ ହେଉଛନ୍ତି । ଜୟପୁର ଜିଲା ମାନ୍ୟତା ପାଇଲେ ଏଠାରେ ସମସ୍ତ ଜିଲା ସ୍ତରିୟ କାର୍ଯ୍ୟାଳୟ ହେବା ସହ ସାଧାରଣ ଜନତା ଏହାର ଲାଭ ଉଠାଇ ପାରିବେ । ଜୟପୁର ଭୌଗୋଳିକ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଜିଲା ହେବା ପାଇଁ ସବୁ ପ୍ରକାର ଭିତିଭୂମି ରହିଛି । ଚାନ୍ଦିଲିରୁ କୋରାପୁଟ, କୁମୁଲି କାମତାରୁ କୋରାପୁଟ ପ୍ରାୟ ଶହେ କି.ମି. ହେଉଛି । ତେଣୁ ଜୟପୁରକୁ ଜିଲା ଘୋଷଣା କରାଗଲେ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହିତ ବିକାଶର ନୂଆ ଦ୍ୱାର ଖୋଲିବ, ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରାଥମିକ ସୁବିଧାରେ ଉନ୍ନତି ଆସିବ ବୋଲି ପ୍ରସ୍ତାବ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଶୁଭେନ୍ଦୁ ଶେଖର ବ୍ରହ୍ମା, କିରଣ କୁମାର ମିଶ୍ର, ମଦନ ମୋହନ ନାୟକ, ନବିନ ମାଦଳା ସନ୍ତୋଷ କୁମାର ପାତ୍ର, ମନହର ତ୍ରିପାଠି, ସାନ ଚୌଧୁରି ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

## ରସୁଲପୁର ବ୍ଲକ ଦଳୀତ ସେଲ ସଭାପତି ହେଲେ ଅନ୍ତର୍ଯ୍ୟାମୀ ମଲିକ

ଧର୍ମଶାଳା, ୨୪/୨ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ତୃଣମୂଳ ସ୍ତରରୁ ସଂଗଠନକୁ ଦୃଢ କରିବା ନେଇ ଲକ୍ଷ୍ୟ ରଖିଛି । ଫଳରେ କର୍ମୀ ଚୟନ କରିବା ଆରମ୍ଭ କରିଛି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ପାଇଁ ଦଳୀତ ସେଲ ସଭାପତି ପାଇଁ ଅନ୍ତର୍ଯ୍ୟାମୀ ମଲିକଙ୍କ ନାମ ଘୋଷଣା କରିଛି । ଯାହାକୁ ନେଇ ରସୁଲପୁର ବ୍ଲକର ବିଭିନ୍ନ ପଂଚାୟତମାନଙ୍କରେ ଦଳୀତ ଭୋଟର ଓ କର୍ମୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ଅନ୍ତର୍ଯ୍ୟାମୀ ମଙ୍ଗରାଜପୁର ପଂଚାୟତରେ ଯୁବ କଂଗ୍ରେସ ନେତାଭାବେ ଦୀର୍ଘ ଦିନ ହେବ କଂଗ୍ରେସ ଦଳ ପାଇଁ କାମ କରିଛନ୍ତି । ତାଙ୍କ ନାମ ଘୋଷିତ ହେବା ପରେ ମଙ୍ଗରାଜପୁର ପଂଚାୟତରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟି ଥିଲା ।

# ଖଇରପୁଟ ବ୍ଲକରେ ଆରମ୍ଭ ହେଲା ସମ୍ପୂର୍ଣ୍ଣତା ଅଭିଯାନ

ମାଲକାନଗିରି, ୨୪/୨ (ନି.ପ୍ର): ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି କେନ୍ଦ୍ର ସରକାରଙ୍କ ବହୁ ପ୍ରତିକ୍ଷୀତ, 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ' ଯୋଜନା । ଆଜିର କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ପ୍ରଶାସକ ଦାସରଥୀ ସରାବୁ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନରାଜ କିର୍ଷାନୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସାଂସଦ ପ୍ରତିନିଧି ସାନୁ ରଥ, ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ, ନିତି ଆୟୋଗ ସଦସ୍ୟ ରାଜାରାମ ମଲ୍ଲିକ, ଶିଶୁ ବିକାଶ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ସରପଂଚ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦ୍ୱିପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ବନ୍ଦେ ମାତରଂ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତି ଅବସରରେ ଏହି ଗୀତକୁ ଅତି ସମ୍ମାନର ସହ ସମ୍ପୂର୍ଣ୍ଣ ଭାବେ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ସରାବୁ କହିଥିଲେ ଯେ, ଏହା କେନ୍ଦ୍ର ସରକାରଙ୍କ ଏକ ବହୁ ଉପଯୋଗୀ ଓ ପ୍ରତିକ୍ଷୀତ ଯୋଜନା, ତାହା ହେଉଛି 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ' । ଏହି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ପୁରା ଭାରତରେ ୫୦୦ ଗୋଟି ଆକାଂକ୍ଷୀ ବ୍ଲକରେ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ଶତ ପ୍ରତିଶତ ତ୍ୱରାନ୍ୱିତ ନିମନ୍ତେ ପ୍ରାଥମିକତା ଭିତିରେ ହାତକୁ ନିଆଯାଇଛି, ଯେଉଁଥିରେ ବ୍ଲକର ବିଭିନ୍ନ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସୁଦ୍ଧ ପାନିୟ ଜଳର ବ୍ୟବସ୍ଥା, ପଶୁ ସମ୍ପଦ ବିକାଶ, ପଂଚାୟତିରାଜ ବ୍ୟବସ୍ଥା, କୃଷି କ୍ଷେତ୍ର ସହ ଅନ୍ୟ ବିଭାଗୀୟ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ସମ୍ପୂର୍ଣ୍ଣ ଶତ ପ୍ରତିଶତ ରୁପାୟନ ହେଉଛି ଏହାର ମୂଳ ଉଦ୍ଦେଶ୍ୟ । ଏହି ସମ୍ପୂର୍ଣ୍ଣତା ୨.୦ ମାଧ୍ୟମରେ ଚଳିତ ବର୍ଷ ଅକାଂକ୍ଷୀ ବ୍ଲକ ଗୁଡିକ ପାଇଁ ୬ ସୂତ୍ରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯଥା:- ଛଅ ମାସ ଠାରୁ ଛଅ ବର୍ଷର ଶିଶୁ ସନ୍ତାନ ମାନଙ୍କୁ ଆଇସିଡ଼ିଏସ ମାଧ୍ୟମରେ ଦିଆଯାଉଥିବା ଅତିରିକ୍ତ ପୋଷଣ ଆହାରର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ଶୌଚାଳୟର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ସ୍ୱଚ୍ଛ ପିଇବା ପାଣିର ପ୍ରତିଶତ, ବିଦ୍ୟାଳୟ ପରିସରରେ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ସସଖ୍ୟା ପ୍ରତିଶତରେ ଓ ଗୃହପାଳିତ ପଶୁମାନଙ୍କ ଠାରେ ହେଉଥିବା ଫାଟୁଆ ରୋଗ ନିରାକରଣ ଓ ଏହାର ଟିକାକରଣର ପ୍ରତିଶତ କେତେ ଦର୍ଶାଇବା ପାଇଁ ତିନି ବିଭାଗ ଯଥା ମାତୃତ୍ୱ ଓ ଶିଶୁ ବିକାଶ, ଶିକ୍ଷା ବିଭାଗ ଓ ପଶୁସମ୍ପଦ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ । ପରିଶେଷରେ ସମସ୍ତ ଅତିଥି ମାନେ ଏହି ଅଭିଯାନ ଉଦ୍ଦେଶ୍ୟକୁ ପ୍ରଦର୍ଶନୀ ମାଧ୍ୟମରେ ସାର୍ଥକ କରୁଥିବା ବିଭିନ୍ନ ଷ୍ଟଲ ଗୁଡିକୁ ବୁଲିଥିଲେ ଓ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା, ଯାହାର ଶବ୍ଦ ଓ ମଂଚ ସଂଚାଳନା ଓଏଲଏମ୍ କର୍ମଚାରୀ ଚିନ୍ମୟ କୁମାର ସିଂ ଓ ଲିଙ୍ଗରାଜ ପାଣିଗ୍ରାହୀ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଡ଼ିଓ ଶ୍ରୀମତୀ ମହାନ୍ତି ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇବା ସହ ଏହି ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ ଓ ସାକାର କରିବା ଲକ୍ଷ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୪/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଂଚାୟତ ସମିତି ଅନ୍ତର୍ଗତ କର୍ଲାଯୋରୀ ଗ୍ରାମ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ୍ ୧୧୬ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୯୮ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୮ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୨ଟି ଦରଖାସ୍ତ ଅଭିଯୋଗ ଶୁଣାଣୀ ଶିବିରରେ ଫଇସଲା କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ ସୁଶ୍ରୀ ପ୍ରିୟଦର୍ଶନୀ ସାହୁଙ୍କ ସମେତ ତହସିଲଦାର, ବିମଳ କିଶୋର ପତ୍ର, ଉପାଧକ୍ଷ, ଡୁଙ୍ଗୁରିପାଲି ପଂଚାୟତ ସମିତି, ମକରଧ୍ୱଜ ସାହୁ ସରପଂଚ, କର୍ଲାଯୋରି ଗ୍ରାମପଂଚାୟତ, ଶ୍ରୀମତି ସୁଜାତା ସେଠୀ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଜଣ ଭିନ୍ନକ୍ଷମ ବୃଦ୍ଧା ଭାରତୀ ରାଉତ ନିବାସୀ ମହୁଲପାଲି ଓ ରଏବାରି ସାହୁ ନିବାସୀ ଯାଜମାଲଙ୍କୁ ହ୍ୱୀଲ ଚେୟାର ପ୍ରଦାନ କରିଥିଲେ ଏବଂ କର୍ଲକୋରି ଗ୍ରାମ ପଂଚାୟତର ନୂତନ ପାଠାଗାରର ଶୁଭ ଉଦ୍ଘାଟନ କରିଥିଲେ।

# ବିଶ୍ୱ ମାତୃଭାଷା ଦିବସ : ଏକ ଅନୁଶୀଳନ

## ପ୍ରଶାନ୍ତ କୁମାର ନାୟକ



'ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।'

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଉପରୋକ୍ତ କାଳଜୟୀ କୃତି କେତେ ହୃଦୟସ୍ପର୍ଶୀ । ଜଣେ ଶିଶୁ ଜନ୍ମ ହେବାପରେ ନିଜ ମା' ମୁଖରୁ ଯେଉଁ ଭାଷା ଶିଖିଥାଏ ବାସ୍ତବରେ ତାହାହିଁ ହେଉଛି ତା'ର ମାତୃଭାଷା । ମାତୃଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ , ଏହା ଆମର ପରିଚୟ , ସଂସ୍କୃତି ଓ ସ୍ୱାଭିମାନ ମଧ୍ୟ ।

ନେଲସନ୍ ମାଣ୍ଡେଲା ଯଥାର୍ଥରେ କହିଛନ୍ତି:-

'If you talk to a man in language, he understands that goes to his head, but if you talk to him in his mother tongue , it goes to his heart ' .

ଏହି ଉକ୍ତିରୁ ଜଣାଯାଏ ଯେ, ମାତୃଭାଷାର ଗୁରୁତ୍ୱ କେତେ ।

ସେହିପରି ସ୍ୱଭାବକବି ଗଙ୍ଗାଧର ମଧ୍ୟ ଲେଖିଛନ୍ତି -

' ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।।'

ଶିଶୁଟିଏ ନିଜର ମାତାପିତା, ପରିବାର ଏବଂ ପରିବେଶରୁ ଶିଖିଥିବା ଭାଷା ହେଉଛି ତା'ର ମାତୃଭାଷା । ବ୍ୟକ୍ତିଟିଏ ନିଜ ହୃଦୟର ଆବେଗକୁ ତଥା ନିଜ ମନର କଥାକୁ ନିଜ ମାତୃଭାଷା ସାହାଯ୍ୟରେ ଯେତେ ସହଜ ଓ ସୁନ୍ଦର ଭାବରେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିପାରେ ଅନ୍ୟ କୌଣସି ଭାଷାରେ ତାହା ସହଜରେ ସମ୍ଭବ ହୋଇନଥାଏ । ନିଜ ମାତୃଭାଷାର ବିକାଶ ହେଲେଯାଇ ଗୋଟିଏ ଜାତିର ଉନ୍ନତି ହୋଇଥାଏ ।

ଏହି ପବିତ୍ର ଦିବସଟି ପାଳନ କରିବା ପଛରେ ବଡ ବଳିଦାନର ଇତିହାସ ରହିଛି । ୧୯୫୨ ମସିହା ଫେବ୍ରୁଆରୀ ୨୧ ତାରିଖରେ ବଙ୍ଗଳା ଭାଷାକୁ ସ୍ୱୀକୃତି ଦେବାପାଇଁ ଢାକାଠାରେ ଅନେକ ଛାତ୍ର ଆନ୍ଦୋଳନ କରି ସହୀଦ ହୋଇଥିଲେ । ସେମାନଙ୍କର ତ୍ୟାଗକୁ ସମ୍ମାନ ଜଣାଇ ୟୁନେସ୍କୋ ୧୯୯୯ ମସିହାରେ ଏହି ଦିବସକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବରେ ପାଳନ କରିବାପାଇଁ ପ୍ରସ୍ତାବ ଦେବାରୁ ଜାତିସଂଘ ଅବିଳମ୍ବେ ଏହାକୁ ଅନୁମୋଦନ କରିଥିଲେ । ତେଣୁ ୨୦୦୦ ମସିହାଠାରୁ ପ୍ରତିବର୍ଷ ଫେବ୍ରୁଆରୀ ୨୧ ତାରିଖକୁ ବିଶ୍ୱ ମାତୃଭାଷା ଦିବସ ଭାବରେ ବିଶ୍ୱବ୍ୟାପୀ ପାଳନ କରାଯାଇ ଆସୁଅଛି । ଏହି ମାତୃଭାଷା ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଜ ମାତୃଭାଷାକୁ ସମ୍ମାନ ଦେବା ଏବଂ ଅଧିକ ଶକ୍ତିଶାଳୀ କରିବା । ଯେଉଁ ଦେଶ ବା ରାଜ୍ୟର ମାତୃଭାଷା ଯେତେ ଅଧିକ ଶକ୍ତିଶାଳୀ, ସେହି ରାଜ୍ୟ ବା ଦେଶ ସେତିକି ଉନ୍ନତ, ସମୃଦ୍ଧ ଓ ଶକ୍ତିଶାଳୀ ହୋଇଥାଏ।

ଆମ ମାତୃଭାଷା ଓଡ଼ିଆ ଏକ ପ୍ରାଚୀନ ଏବଂ ସମୃଦ୍ଧଶାଳୀ ଭାଷା । ଏହା ଭାରତର ଅନ୍ୟତମ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା ଅଟେ ।

୧୧.୦୩.୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି । ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଓଡିଶା ପ୍ରଥମ ରାଜ୍ୟ । ସାରଳା ଦାସ ଓ ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭକରି ଆଧୁନିକ ଯୁଗର ରାଧାନାଥ ରାୟ , ଫକୀରମୋହନ ସେନାପତି ଏବଂ ଗୋପବନ୍ଧୁ ଦାସଙ୍କ ପର୍ଯ୍ୟନ୍ତ ଅନେକ ମହାପୁରୁଷ ଏହି ଭାଷାକୁ ଋଦ୍ଧିମନ୍ତ କରିଛନ୍ତି । ତେଣୁ ଆଜିର ପାଶ୍ଚାତ୍ୟ ଓ ଆଧୁନିକତା ପ୍ରଭାବରେ ନିଜ ଭାଷାକୁ ଭୁଲିଯିବା ଉଚିତ ନୁହେଁ । ଅନ୍ୟାନ୍ୟ ଭାଷା ଶିଖିବାରେ କୌଣସି ଅସୁବିଧା ନାହିଁ , କିନ୍ତୁ ନିଜ ମାତୃଭାଷାକୁ ଅବହେଳା କରିବା ମଧ୍ୟ ଅନୁଚିତ ।

ପ୍ରାଚୀନ କାଳରେ ସଂସ୍କୃତ ଭାଷାକୁ ରାଜଭାଷା ଭାବରେ ସମ୍ମାନ ପ୍ରଦାନ କରାଯାଉଥିଲା । ମାତ୍ର ମୋଗଲ ଶାସନ ସମୟରେ ଉର୍ଦ୍ଦୁଭାଷାକୁ ମୁଖ୍ୟ ଭାଷାରୂପେ ସ୍ୱୀକୃତି ଦିଆଯାଇଥିଲା ଏବଂ ପରେ ଇଂରେଜମାନେ ସେମାନଙ୍କର ଶାସନରେ ସୁବିଧାପାଇଁ ଇଂରାଜୀ ଭାଷାର ପ୍ରଚଳନ ପୂର୍ଣ୍ଣ ମାତ୍ରାରେ କରିଥିଲେ । ଫଳରେ ବିଭିନ୍ନ ପ୍ରାଦେଶିକ ଭାଷା କ୍ରମଶଃ ଗୌଣ ଭାଷାରେ ପରିଣତ ହେଲା । ସେତେବେଳେ ଆଞ୍ଚଳିକ ଭାଷାର ଗୁରୁତ୍ୱ ନରହିବାରୁ ଦେଶର ଐତିହ୍ୟ , ସଂସ୍କୃତି ମଧ୍ୟ କ୍ରମଶଃ କ୍ଷୁର୍ଣ୍ଣ ହେଲା । ଏହି ସମୟରେ ମାତୃଭାଷା ବିକାଶର ମଙ୍ଗ ଧରିବାକୁ ଓଡ଼ିଶାର ବରପୁତ୍ରମାନେ ଶତଚେଷ୍ଟା କରିଥିଲେ ।

ଗାନ୍ଧିଜୀ ଓ ରବୀନ୍ଦ୍ରନାଥ ଟାଗୋର ମାତୃଭାଷା ସଂପର୍କରେ ଯାହା କହୁଥିଲେ ସେହି ଭାବନା ଜାତୀୟତା ସ୍ରୋତର ଭାବନା ଥିଲା । ସେମାନଙ୍କର ଦୃଷ୍ଟିକୋଣ ଥିଲା ବାସ୍ତବବାଦୀ । ଦେଶ ଯେତେବେଳେ ସ୍ୱାଧୀନ ହୋଇଗଲା ଦେଶର ରାଜନୀତିଜ୍ଞ ତଥା ବିଶିଷ୍ଟ ଶିକ୍ଷାବିତମାନେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରିବା ପ୍ରଣାଳୀକୁ ସଂପୂର୍ଣ୍ଣ ଭାବରେ ସମର୍ଥନ କରିଥିଲେ ।

କୋଠାରୀ କମିଶନ (୧୯୬୪-୬୭) ଆଞ୍ଚଳିକ ଭାଷାରେ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ କରାଯିବା ସମ୍ପର୍କରେ ମତପୋଷଣ କରିଥିଲେ । ଶିକ୍ଷା ବିଷୟ ନେଇ ଯେତେ କମିଟି ବସିଥିଲା , ସମସ୍ତ କମିଟି ସମସ୍ୱରରେ କହିଥିଲେ ଯେ , ମାତୃଭାଷାରେ ଶିକ୍ଷା ସବୁ ଶିକ୍ଷାର ମୂଳମନ୍ତ୍ର । ଓଡିଶାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାପାଇଁ ରାଜ୍ୟ ସରକାର ଓଡିଶା ଭାଷା ଅଧିନିୟମ -୧୯୫୪ ଜାରି କରିଛନ୍ତି । ଇତି ମଧ୍ୟରେ ଓଡିଶା ସରକାର ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାପାଇଁ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମସ୍ତ ସରକାରୀ ଅଧିକାରୀ/କର୍ମଚାରୀମାନଙ୍କୁ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାପାଇଁ ଓଡ଼ିଆ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି । ଏହା ଫଳରେ ଜଣେ ସରକାରୀ ଅଧିକାରୀ ସଂପୂର୍ଣ୍ଣ ଓଡ଼ିଆ ଭାଷାରେ ଚିଠା , ଟିପ୍ପଣୀ ଇତ୍ୟାଦି ଉପରିସ୍ଥ ଅଧିକାରୀଙ୍କୁ ଉପସ୍ଥାପନ କରିପାରିବେ । ଏହାଦ୍ୱାରା ଜଣେ ସାଧାରଣ ଗାଉଁଲି ଲୋକଟିଏ ମଧ୍ୟ କାହାର ସାହାଯ୍ୟ ବିନା ସରକାରଙ୍କ ଆଭିମୁଖ୍ୟ, ନୀତିନିୟମ, ମାର୍ଗଦର୍ଶିକା , ଅଧିସୂଚନା ପ୍ରଭୃତି ସହଜରେ ବୁଝି ପାରିବେ ।

ଯଥାର୍ଥରେ ଗୋଟିଏ ଜାତିର ଭାଷା ହେଉଛି ତା'ର ସର୍ବଶ୍ରେଷ୍ଠ ସମ୍ପଦ । କାରଣ ଭାଷାକୁ ନେଇ ଏ ଜାତି ଗର୍ବକରେ । ଭାଷା ହିଁ ଜାତିର ପ୍ରଗତିପାଇଁ ଏକ ଅମୋଘ ଅସ୍ତ୍ର ସଦୃଶ । ତେଣୁ ଆମେ ସମସ୍ତେ ଆମର ଦୈନନ୍ଦିନ କଥାବାର୍ତ୍ତାରେ ଓଡ଼ିଆ ଭାଷାର ସଠିକ ବ୍ୟବହାର କରିବା , ନିଜ ଭାଷା ପାଇଁ ଗର୍ବ ଅନୁଭବ କରିବା । ଆସନ୍ତୁ ଏହି ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଆମେ ଆମ ମାତୃଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସଦା ସର୍ବଦା ପ୍ରଚେଷ୍ଟା କରିବା ।

ପରିଶେଷରେ ମୁଁ ଗର୍ବର ସହିତ କହିବାକୁ ଚାହିଁବି ଯେ , ମୁଁ ଓଡ଼ିଆ, ମୋ ମାତୃଭାଷା ଭାରି ବଢିଆ ।

+ ' ବନ୍ଦେ ଉତ୍କଳ ଜନନୀ'
ୟୁନିଟ୍ -୦୫; ଭୁବନେଶ୍ୱର
ଫୋନ୍ - ୮୨୪୯୬୫୦୪୧୪

# ସ୍ଥୁଳ ସୂକ୍ଷ୍ମ ଓ କାରଣ ଶରୀର

## ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଭାରତୀୟ ଆଧାତ୍ମିକ ଶାସ୍ତ୍ର ବେଦ, ବେଦାନ୍ତ ଦର୍ଶନ ଓ ଶ୍ରୀମଦ୍ ଭଗବଦ୍ଗୀତା ଆଦି; ମାନବୀୟ ଚେତନାକୁ ବ୍ୟାପକ ଏବଂ ଉର୍ଦ୍ଧଗାମୀ କରିବା ସକାଶେ ସଦା ସର୍ବଦା ପ୍ରଯତ୍ନଶୀଳ। ଏହି ଶାସ୍ତ୍ର ଗୁଡ଼ିକ ବ୍ରହ୍ମ ଓ ଜୀବର ସ୍ୱରୂପକୁ ବର୍ଣ୍ଣନା କରିବା ସହିତ ଜୀବନର ସତ୍ୟତାକୁ ପ୍ରକାଶିତ କରିଥାଏ। ଏହା ସହ ଜୀବର ଜନ୍ମ ଠାରୁ ମୃତ୍ୟୁ ତଥା ମୃତ୍ୟୁ ଠାରୁ ଜନ୍ମର ଯାତ୍ରା କିପରି ହୁଏ ? ଏବଂ କେଉଁ କେଉଁ ଶରୀର ଧାରଣ କରେ ? ତାହା ମଧ ଏଥିରେ ଉଲ୍ଲେଖ ରହିଛି। ବିଶେଷ ଭାବରେ ଶରୀର ହେଉଛି ଜୀବର ଭୌତିକ ଅଂଶ। ଏହି ଶରୀରକୁ ବେଦାନ୍ତ ଦର୍ଶନ ଅନୁଯାୟୀ ସ୍ଥୁଳ, ସୂକ୍ଷ୍ମ ଓ କାରଣ ବୋଲି ଅଭିହିତ କରାଯାଉଛି। ଏଣୁ କୁହାଯାଇଛି: ସ୍ଥୁଳଂ ସୂକ୍ଷ୍ମଂ ତଥା କାରଣଂ ଚ ଶରୀରତ୍ରୟମାତ୍ମନଃ ।

ଉପରୋକ୍ତ ତିନିଗୋଟି ଶରୀର ମଧ୍ୟରୁ ପ୍ରଥମଟି ହେଲା ସ୍ଥୁଳ ଶରୀର, ଯାହା ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶାଦି ପ ମହାଭୂତରେ ଗଠିତ। ଏହି ସ୍ଥୁଳ ଶରୀର ଉପରେ ଶଙ୍କରାଚାର୍ଯ୍ୟଙ୍କ ବିରଚିତ 'ତତ୍ତ୍ୱବୋଧ'ରେ ଦେଖିବାକୁ ମିଳେ : ଅନ୍ନସମ୍ଭୂତମେବାନ୍ନ ବୃଦ୍ଧିମପୃରିଣାମିତ୍ୱାତ୍ ପଞ୍ଚୀକୃତଭୂତୈର୍ନିର୍ମିତଂ ତତ୍ ସ୍ଥୁଳଶରୀରମ୍ ।। ଅର୍ଥାତ୍ ସ୍ଥୁଳ ଶରୀର ଅନ୍ନ ଦ୍ୱାରା ଜନ୍ମ ଲାଭକରେ , ଅନ୍ନ ଦ୍ୱାରା ହିଁ ବୃଦ୍ଧି ପାଇଥାଏ , ଅନ୍ନର ହ୍ରାସ ଘଟିଲେ ଏହାର କ୍ଷୟ ହୋଇଥାଏ ଏବଂ ଏହା ପ ୀକୃତ ଭୂତଙ୍କ ଦ୍ୱାରା ନିର୍ମିତ, ପୂର୍ବଜନ୍ମର କର୍ମଫଳ ଓ ସୁଖ-ଦୁଃଖ ଆଦିର ଭୋକ୍ତା ଅଟେ । ସେପରି ଶ୍ୱେତାଶ୍ୱତର ଉପନିଷଦରେ କୁହାଯାଇଛି: ନବଦ୍ୱାରେ ପୁରେ ଦେହୀ, ହଂସୋ ଲୀଳାୟତେ ବହିଃ 'ଏହାର ଅର୍ଥ ଏ ସ୍ଥୁଳ ଶରୀର ହେଉଛି 'ନବଦ୍ୱାର ପୁରୀ' । ଏହି ଶରୀର ମଧ୍ୟରେ ନଅ ଗୋଟି ଦ୍ୱାର ଯଥା ଦୁଇଟି ଚକ୍ଷୁ,ଦୁଇଟି କର୍ଣ୍ଣ,ଦୁଇଟି ନାସାପୁଡ଼ା,ଗୋଟିଏ ମୁଖ,ଗୋଟିଏ ପାୟୁ (ମଳଦ୍ୱାର), ଏବଂ ଗୋଟିଏ ଉପସ୍ଥ (ମୂତ୍ରଦ୍ୱାର ) ରହିଛି । ଯେଉଁଥିରେ ଆତ୍ମା ବାସ କରନ୍ତି । ଆମେ ଏ ଶରୀରକୁ ଆଖିରେ ଦେଖିପାରୁ। ଏହା ଜନ୍ମ ନିଏ, ବୃଦ୍ଧି ଘଟେ ଏବଂ ଶେଷରେ ମୃତ୍ୟୁ ବରଣ କରେ। ସ୍ଥୁଳ ଶରୀର କେବଳ ଆତ୍ମାର ଏକ ବାହ୍ୟ ଆବରଣ ମାତ୍ର।

ଦ୍ୱିତୀୟଟି ହେଉଛି ସୂକ୍ଷ୍ମ ଶରୀର ବା ଲିଙ୍ଗ ଶରୀର। ଯାହା ସତରଟି ତତ୍ତ୍ୱ ବା ସପ୍ତଦଶ କଳାକୁ ନେଇ ଗଠିତ ବୋଲି ମଧ ତତ୍ତ୍ୱବୋଧରେ କୁହାଯାଇଛି : ଅପ ୀକୃତ ପ ମହାଭୂତୈଃ କୃତଂ ସତ୍କର୍ମଜନ୍ୟଂ, ସୁଖଦୁଃଖାଦିଭୋଗସାଧନଂ ପଞ୍ଚଜ୍ଞାନେନ୍ଦ୍ରିୟାଣି, ପଞ୍ଚକର୍ମେନ୍ଦ୍ରିୟାଣି ପ ପ୍ରାଣାଦୟଃ ମନଶ୍ଚୈକଂ, ବୁଦ୍ଧିଶ୍ଚୈକା ଏବଂ ସପ୍ତଦଶକଳାଭିଃ ସହ ୟତ୍ତିଷ୍ଠତି ତତ୍ ସୂକ୍ଷ୍ମଶରୀରମ୍ ।' ଅର୍ଥାତ୍ ଏ ସୂକ୍ଷ୍ମ ଶରୀର ଯାହା ଅପଞ୍ଚୀକୃତ ପ ମହାଭୂତ ଦ୍ୱାରା ନିର୍ମିତ, ପୂର୍ବ ଜନ୍ମର ସତ୍କର୍ମରୁ ଜାତ ଏବଂ ସୁଖ-ଦୁଃଖ ଆଦି ଅନୁଭବ କରିବାର ମାଧ୍ୟମ, ତାହାକୁ ସୂକ୍ଷ୍ମ ଶରୀର କୁହାଯାଏ। ଏହାର ନିର୍ମାଣ ପଞ୍ଚ ଜ୍ଞାନେନ୍ଦ୍ରିୟ ( ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱଚା/ଚର୍ମ ),ପଞ୍ଚ କର୍ମେନ୍ଦ୍ରିୟ (ବାକ୍ /ବାଣୀ, ପାଣି /ହସ୍ତ, ପାଦ, ପାୟୁ /ମଳଦ୍ୱାର ଓ ଉପସ୍ଥ /ଜନନେନ୍ଦ୍ରିୟ),ପଞ୍ଚ ପ୍ରାଣ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ), ମନ ଓ ବୁଦ୍ଧି ଆଦି ଦ୍ୱାରା ହୋଇଛି। ସ୍ଥୁଳ ଶରୀର ମୃତ୍ୟୁ ପରେ ଏହି ସୂକ୍ଷ୍ମ ଶରୀର ଆତ୍ମା ସହିତ ଅନ୍ୟ ଏକ ଯୋନିକୁ ଗତିକରେ। ସ୍ଥୁଳ ଶରୀର ମୃତ୍ୟୁ ପୂର୍ବରୁ ମନୁଷ୍ୟର ଯେଉଁ ଭାବନା ଓ ସଂସ୍କାର ସ୍ଥାୟୀ ରହିଥାଏ, ସେ ସେହି ଅବସ୍ଥାକୁ ପ୍ରାପ୍ତ କରେ। ତେଣୁ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ହେ କୁନ୍ତି ପୁତ୍ର ! ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ । ତଂ ତମେବୈତି କୌନ୍ତେୟ ସଦା ତଦ୍ଭାବ ଭାବିତଃ ।। ଏ ସୂକ୍ଷ୍ମ ଶରୀରରେ ଜୀବର ସମସ୍ତ ଭାବନା ଓ ସଂସ୍କାର ଆଦି ସ୍ଥାୟୀ ରହିଥାଏ ଏବଂ ସ୍ୱପ୍ନ ଅବସ୍ଥାରେ ସବୁଠାରୁ ଅଧିକ ଅନୁଭୂତ ହୁଏ, ଯେଉଁଠି ସ୍ଥୁଳ ଶରୀର ସ୍ଥିର ଥାଏ କିନ୍ତୁ ମନ ଚଳଚଞ୍ଚଳ ରହିଥାଏ। ଏହା ଅତିସୂକ୍ଷ୍ମ ହୋଇଥିବା କାରଣରୁ କୌଣସି ପଦାର୍ଥ କିମ୍ବା ସ୍ଥାନକୁ ଯିବା ପାଇଁ ବାଧା ପାଏ ନାହିଁ।



ତୃତୀୟଟି ହେଉଛି କାରଣ ଶରୀର, ଯେ ଅନାଦି କାଳରୁ ଜୀବର ଥିବା ଅବିଦ୍ୟା ବା ଅଜ୍ଞାନର ରୂପ ଅଟେ। ଏହା ସ୍ଥୁଳ ଶରୀର ଓ ସୂକ୍ଷ୍ମ ଶରୀରର କାରଣ ବୋଲି ମଧ ତତ୍ତ୍ୱବୋଧରେ କୁହାଯାଇଛି : 'ଅନାଦ୍ୟବିଦ୍ୟାରୂପଂ ଶରୀରଦ୍ୱୟସ୍ୟ କାରଣମାତ୍ରଂ ସତ୍ ନିର୍ବିକଳ୍ପରୂପଂ କାରଣଶରୀରମ୍।' ଏହା ଏପରି ଏକ ଅବସ୍ଥା ଯେଉଁଠାରେ କୌଣସି ଭେଦଭାବ ବା ବିକଳ୍ପ ନଥାଏ । ଯେପରି ଗଭୀର ନିଦ୍ରା ସମୟରେ ଆମେ ଏହି ଶରୀରର ଅନୁଭବ କରୁ, ଯେଉଁଠି କୌଣସି ଚିନ୍ତା ବା କର୍ମାଦିର ଲେଶମାତ୍ର ନଥାଏ। ସେପରି ବିବେକ ଚୂଡାମଣିରେ ଶ୍ରୀଶଙ୍କରାଚାର୍ଯ୍ୟ କହିଛନ୍ତି: ଅବ୍ୟକ୍ତମେବ କାରଣଂ ଶରୀରଂ ତଦାତ୍ମନଃ । ସୁଷୁପ୍ତିଭାବରୂପତ୍ୱାଦଜ୍ଞାନଂ ନାମ ନାମତଃ । ଅର୍ଥାତ୍ ଅବ୍ୟକ୍ତ (ଯାହା ଅପ୍ରକାଶିତ) ହେଉଛି ଆତ୍ମାର କାରଣ ଶରୀର । ଯାହାକୁ ସାଧାରଣତଃ 'ଅବିଦ୍ୟା' ବା ଆନନ୍ଦମୟ କୋଷ ଭାବରେ ବର୍ଣ୍ଣନା କରାଯାଇଛି । ଯେ ସୁଷୁପ୍ତି ଅବସ୍ଥାରେ ଅନୁଭୂତ ହୁଏ ଏବଂ ଅଜ୍ଞାନ ରୂପରେ ବିଦ୍ୟମାନ ରହିଥାଏ ।

ବେଦାନ୍ତ ଦର୍ଶନ ଅନୁଯାୟୀ ମନୁଷ୍ୟଙ୍କୁ ସ୍ଥୁଳ, ସୂକ୍ଷ୍ମ ଓ କାରଣ ଶରୀର ମାନଙ୍କ ବିଷୟରେ ଜ୍ଞାତ ହେବା ଆବଶ୍ୟକ। କାରଣ ଏହି ତିନି ଶରୀର ହେଉଛି ଆତ୍ମାର ଆବରଣ ସଦୃଶ। ଆତ୍ମଜ୍ଞାନ ହିଁ ମନୁଷ୍ୟର ଅଜ୍ଞାନତାକୁ ନଷ୍ଟ କରିଥାଏ। ତେଣୁ ମୁଣ୍ଡକ ଉପନିଷଦରେ କୁହାଯାଇଛି ଯେ : ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ । କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ।। ଅର୍ଥାତ୍ ହୃଦୟରେ ଥିବା ଅଜ୍ଞାନର ଗଣ୍ଠି ବା ମାୟା-ମୋହର ବନ୍ଧନ, ମନରେ ଥିବା ସମସ୍ତ BERHAMPUR.ITO1@incometax.gov.in ପ୍ରକାର ଦ୍ୱନ୍ଦ୍ୱ ଏବଂ ସମସ୍ତ ସ ିତ କର୍ମ ବା ପାପ-ପୁଣ୍ୟ ଆଦିର କ୍ଷୟ ଆତ୍ମ ଜ୍ଞାନ ବା ବ୍ରହ୍ମ ଜ୍ଞାନ ଦ୍ୱାରା ନାଶ ହୋଇଥାଏ। ଯାହାଫଳରେ ଜୀବ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଲାଭକରି ପରମାନନ୍ଦ ବା ମୁକ୍ତି ଲଭିଥାଏ ।

+ ଖମ୍ବେଶ୍ୱରୀ ପାଟଣା
ଆସିକା ଗଞ୍ଜାମ
(ମୋ) ୯୮୬୧୩୩୪୮୬୮

# ବଜେଟ୍ କ'ଣ ? ଏହା ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି ?

## ଅମୂଲ୍ୟ କୁମାର ପଣ୍ଡା



ସରକାରଙ୍କ ବାର୍ଷିକ ଆୟ ଏବଂ ବ୍ୟୟର ବିବୃତ୍ତିକୁ ଏହାର ବଜେଟ୍ କୁହାଯାଏ। ସରକାରଙ୍କ ବଜେଟ୍ ସାଧାରଣତଃ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ତାରିଖରେ ଆନୁଷ୍ଠାନିକ ଭାବରେ ଉପସ୍ଥାପନ କରାଯାଏ, ବିଧାନସଭା ଦ୍ୱାରା ଗୃହୀତ ହୁଏ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ କରାଯାଏ। ବଜେଟ୍ରେ ଚଳିତ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ଆଶାକରାଯାଇଥିବା ଆୟ (ରାଜସ୍ୱ) ଏବଂ ପ୍ରସ୍ତାବିତ ବ୍ୟୟର ଏକ ବିସ୍ତୃତ ବିବୃତ୍ତି ଥାଏ। ଭାରତରେ ବଜେଟର ଇତିହାସ ୧୫୦ ବର୍ଷରୁ ଅଧିକ ପୁରୁଣା। ବର୍ଷ ବର୍ଷ ଧରି ବଜେଟ ଉପସ୍ଥାପନ କରିବାର ସମୟ ଏବଂ ପଦ୍ଧତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଅନେକ ନୂତନ ପରମ୍ପରା ଉଭା ହୋଇଛି ଏବଂ ଅନେକ ରେକର୍ଡ ସ୍ଥାପନ ହୋଇଛି। ଆସନ୍ତୁ ଜାଣିବା ଏହି ଏହି ଶବ୍ଦର ଉତ୍ପତ୍ତି କିପରି ହୋଇଛି। 'ବଜେଟ୍' ଶବ୍ଦଟି ଲାଟିନ୍ ଶବ୍ଦ 'ବୁଲଗା' ରୁ ଆସିଛି, ଯାହାର ଅର୍ଥ ଚମଡା ବ୍ୟାଗ। ବୁଲଗା ଫରାସୀ ଶବ୍ଦ 'ବାଗୁଏଟ୍' କୁ ଜନ୍ମ ଦେଇଥିଲା, ଯାହା ପରେ ଇଂରାଜୀ ଶବ୍ଦ 'ବାଗୁଏଟ୍' କୁ ଜନ୍ମ ଦେଇଥିଲା। ୭ ଏପ୍ରିଲ୍ ୧୮୬୦ ରେ, ଦେଶର ପ୍ରଥମ ବଜେଟ୍ ବ୍ରିଟିଶ ସରକାରଙ୍କ ଅର୍ଥମନ୍ତ୍ରୀ ଜେମ୍ସ ୱିଲସନ୍ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ୧୯୨୪ ରୁ ୧୯୯୯ ପର୍ଯ୍ୟନ୍ତ, ଫେବୃଆରୀ ମାସର ଶେଷ କାର୍ଯ୍ୟ ଦିବସରେ ସନ୍ଧ୍ୟା ୫:୦୦ ଟାରେ ବଜେଟ୍ ଉପସ୍ଥାପନ କରାଯାଇଥିଲା। ଏହି ଅଭ୍ୟାସ ୧୯୨୪ ରେ ସାର୍ ବାସିଲ୍ ବ୍ଲାକେଟ୍ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାର କାରଣ ଥିଲା ଆର୍ଥିକ ହିସାବ ପ୍ରସ୍ତୁତ କରିବାରେ ସାରା ରାତି ଜାଗ୍ରତ ଥିବା ଅଧିକାରୀମାନଙ୍କୁ ବିଶ୍ରାମ ଦେବା। ୨୦୦୦ ମସିହାରେ, ପ୍ରଥମ ଥର ପାଇଁ, ଯଶୱନ୍ତ ସିହ୍ନା ସକାଳ ୧୧ଟାରେ ବଜେଟ୍ ଉପସ୍ଥାପନ କରିଥିଲେ। ସ୍ୱାଧୀନତା ପରେ ଦେଶର ପ୍ରଥମ ବଜେଟ୍ ପ୍ରଥମ ଅର୍ଥମନ୍ତ୍ରୀ, ଆର. କେ. ଶନମୁଖମ୍ ଚେଟ୍ଟି ୨୬ ନଭେମ୍ବର ୧୯୪୭ ରେ ଉପସ୍ଥାପନ କରିଥିଲେ। ଏହା ୧୫ ଅଗଷ୍ଟ ୧୯୪୭ ରୁ ୩୧ ମାର୍ଚ୍ଚ ୧୯୪୮ ପର୍ଯ୍ୟନ୍ତ ସାଢେ ସାତ ମାସ ପର୍ଯ୍ୟନ୍ତ ଥିଲା। ଆର. କେ. ଶନମୁଖମ୍ ଚେଟ୍ଟି ୧୯୪୮-୪୯ ବଜେଟ୍ ରେ ପ୍ରଥମ ଥର ପାଇଁ 'ଅନ୍ତରୀଣ' ଶବ୍ଦ ବ୍ୟବହାର କରିଥିଲେ। ସେବେଠାରୁ, ଏହି ଶବ୍ଦଟି କ୍ଷଣସ୍ଥାୟୀ ବଜେଟ୍ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୋଇଆସୁଛି। ଭାରତୀୟ ଗଣରାଜ୍ୟ ପ୍ରତିଷ୍ଠା ପରେ ପ୍ରଥମ ବଜେଟ୍ ଜନ୍ ମାଥାଇ ୨୮ ଫେବୃଆରୀ ୧୯୫୦ ରେ ଉପସ୍ଥାପନ କରିଥିଲେ। ଏହି ବଜେଟ୍ ଯୋଜନା ଆୟୋଗର ପ୍ରତିଷ୍ଠା ବିଷୟରେ ବର୍ଣ୍ଣନା କରିଥିଲା।

ଯେତେବେଳେ ବିଲ୍ ଦେବାର ସମୟ ଆସେ, ସେତେବେଳେ ଆପଣଙ୍କ ମାସିକ ଦରମା କୁଆଡ଼େ ଯାଏ ବୋଲି ଆପଣ ପ୍ରାୟତଃ ଭାବନ୍ତି କି ? ଯଦି ଆପଣ ହଠାତ୍ ଚାକିରି ହରାଇ ଦିଅନ୍ତି, ତେବେ ଆପଣ ଆଗାମୀ କିଛି ମାସ ପାଇଁ ଆପଣଙ୍କ ଖର୍ଚ୍ଚ କିପରି ପୂରଣ କରିବେ ଏହା ଭାବି ଆପଣ ରାତିର ନିଦ ହରାନ୍ତି କି ? ଆପଣଙ୍କ ପିଲାମାନେ କ'ଣ ଆପଣଙ୍କ ଉପରେ ରାଗିଛନ୍ତି କାରଣ ଆପଣଙ୍କ ପାଖରେ ପାଣ୍ଠି ଅଭାବ ଯୋଗୁଁ ଆପଣ ଯୋଜନା କରିଥିବା ଛୁଟିକୁ ସ୍ଥଗିତ ରଖିବାକୁ ପଡିଥିଲା ? ଆପଣ ଆପଣଙ୍କ ପିତାମାତାଙ୍କ ଚିକିତ୍ସା ଜରୁରୀକାଳୀନ ସମୟରେ ଖର୍ଚ୍ଚ ପୂରଣ କରିବା ପାଇଁ ଟଙ୍କା ଋଣ କରିଥିଲେ କି ? ଯଦି ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ହଁ ହୁଏ, ତେବେ ଆପଣ ଏକା ନୁହଁନ୍ତି। ପ୍ରାୟ ୭୦% ଜନସଂଖ୍ୟା ସେମାନଙ୍କ ଆୟ ମଧ୍ୟରେ ସେମାନଙ୍କର ଖର୍ଚ୍ଚ ପରିଚାଳନା କରିବାକୁ ସଂଘର୍ଷ କରନ୍ତି। ଯଦି ଆପଣ କେବେ ଏହି ପରିସ୍ଥିତି ମଧ୍ୟରୁ ଗୋଟିଏ କିମ୍ବା ଅଧିକ ପରିସ୍ଥିତିରେ ନିଜକୁ ପାଇଛନ୍ତି, ତେବେ ଏକ ବଜେଟ୍ ହେଉଛି ଆପଣଙ୍କ ସମସ୍ୟାର ଏକମାତ୍ର ସମାଧାନ।

ପ୍ରଥମେ ଆସନ୍ତୁ ଜାଣିବା ଏକ ବଜେଟ୍ କ'ଣ ? ଏକ ବଜେଟ୍ ହେଲା ଆପଣଙ୍କ ଟଙ୍କା କେଉଁଠାକୁ ଗଲା ତାହା ଭାବିବା ପରିବର୍ତ୍ତେ କେଉଁଠାକୁ ଯିବାକୁ ହେବ ତାହା କହିଥାଏ। ବଜେଟିଂ ହେଉଛି ଆପଣଙ୍କ ଖର୍ଚ୍ଚ ଯୋଜନା କରିବାର ପ୍ରକ୍ରିୟା। ଏକ ଖର୍ଚ୍ଚ ଯୋଜନା ତିଆରି କରି, ଆପଣ ପୂର୍ବରୁ ନିର୍ଣ୍ଣୟ କରିପାରିବେ ଯେ ଆପଣଙ୍କ ଇଚ୍ଛା କିମ୍ବା ଆବଶ୍ୟକୀୟ କାର୍ଯ୍ୟ କରିବା ପାଇଁ ଆପଣଙ୍କ ପାଖରେ ଯଥେଷ୍ଟ ଟଙ୍କା ଅଛି କି ନାହିଁ। ଯଦି ଆପଣ ପାଆନ୍ତି ଯେ ଆପଣ ଯାହା କରିବାକୁ ଚାହୁଁଛନ୍ତି ତାହା କରିବା ପାଇଁ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନାହିଁ, ତେବେ ଆପଣ ଆପଣଙ୍କର ଖର୍ଚ୍ଚକୁ ପ୍ରାଥମିକତା ଦେବା ପାଇଁ ଏକ ବଜେଟ୍ ବ୍ୟବହାର କରିପାରିବେ ଏବଂ ଆପଣଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକ ପାଇଁ ଆପଣଙ୍କର ଟଙ୍କା ଆବଣ୍ଟନ କରିପାରିବେ। ଏବେ ଆସନ୍ତୁ ଜାଣିବା ଏକ ବଜେଟ୍ କାହିଁକି ଗୁରୁତ୍ୱପୂର୍ଣ୍ଣ ? ପ୍ରଥମ ହେଲା, ଆପଣଙ୍କର ଆର୍ଥିକ ପରିସ୍ଥିତିର ଏକ ୩୬୦º ଦୃଶ୍ୟ ଆପଣଙ୍କୁ ପ୍ରଦାନ କରେ। ଏକ ବଜେଟ୍ ରଖିବା ଆପଣଙ୍କୁ ପ୍ରତି ମାସରେ ଆପଣଙ୍କର କେତେ ଟଙ୍କା ଅଛି ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆର୍ଥିକ ଲକ୍ଷ୍ୟ ପାଇଁ ସଞ୍ଚୟ କରିବା ସମୟରେ ଆପଣ କେତେ ଖର୍ଚ୍ଚ କରିପାରିବେ ତାହାର ଏକ ସ୍ପଷ୍ଟ ଧାରଣା ଦେଇଥାଏ। ଆପଣ ଟଙ୍କା କେଉଁଠି ଖର୍ଚ୍ଚ କରୁଛନ୍ତି ତାହା ବୁଝିବା ଆପଣଙ୍କୁ ଆପଣଙ୍କର ଇଚ୍ଛା ଏବଂ ଆବଶ୍ୟକତା ମଧ୍ୟରେ ଏହାକୁ କିପରି ବିଭକ୍ତ କରିବେ ସେ ବିଷୟରେ ସ୍ପଷ୍ଟତା ମଧ ଦେଇପାରେ। ଦ୍ୱିତୀୟ ହେଲା ଆପଣଙ୍କୁ ଆପଣଙ୍କର ମାସିକ ଖର୍ଚ୍ଚକୁ ସମାନ କରିବାକୁ ଅନୁମତି ଦିଏ। ଏକ ମହାନ ବଜେଟ୍ ହେଉଛି ଯାହା ଆପଣଙ୍କର ସମସ୍ତ ବକେୟା ପରିଶୋଧ କରେ ଏବଂ ପ୍ରତ୍ୟେକ ମାସ ଶେଷରେ କିଛି ଟଙ୍କା ବାକି ରହିଥାଏ। ଆପଣଙ୍କ ପରିସ୍ଥିତି ଅନୁଯାୟୀ ଆପଣ ପ୍ରତି ମାସରେ ଆପଣଙ୍କର ଟଙ୍କା କିପରି ବଜେଟ୍ କରନ୍ତି ତାହା ସଜାଡ଼ନ୍ତୁ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ଋଣ ଅଛି, ତେବେ ଅନ୍ୟ ଜିନିଷଗୁଡ଼ିକରେ ଖର୍ଚ୍ଚ କରିବା ପୂର୍ବରୁ ସେଗୁଡ଼ିକୁ ଦେୟ କରନ୍ତୁ ଯାହା ଦ୍ୱାରା ଆପଣ କେବେ ବି ଦେୟ ହରାନ୍ତୁ ନାହିଁ।

ଏବେ ଆସନ୍ତୁ ଜାଣିବା ବଜେଟ୍ କ'ଣ ଏବଂ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ? ଏହାର ଉତ୍ତର ହେଲା ଆପଣଙ୍କର ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ଆପଣଙ୍କୁ ସକ୍ଷମ କରେ। ଏକ ବଜେଟ୍ ଆପଣଙ୍କୁ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବାରେ ଏବଂ ସେମାନଙ୍କ ପାଇଁ ସଞ୍ଚୟ କରିବାରେ ସାହାଯ୍ୟ କରେ— ଯେପରିକି ଗୃହ ଋଣ, ପିଲାମାନଙ୍କ ଶିକ୍ଷା କିମ୍ବା ଆପଣ ଆରମ୍ଭ କରୁଥିବା ବ୍ୟବସାୟ ପାଇଁ ଡାଉନ୍ ପେମେଣ୍ଟ ପାଇଁ ସଞ୍ଚୟ କରିବା। ଏକ ବଜେଟ୍ ଆପଣଙ୍କୁ ଅନାବଶ୍ୟକ ଖର୍ଚ୍ଚରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଆପଣଙ୍କ ଟଙ୍କା ପୁନଃନିର୍ଦ୍ଦେଶିତ କରିବାରେ ସାହାଯ୍ୟ କରିପାରେ। ଯଦି ଆପଣ ଏକ ଜରୁରୀକାଳୀନ ପାଣ୍ଠି ସୃଷ୍ଟି କରିବା ପାଇଁ ଆପଣଙ୍କର ମାସିକ ବଜେଟ୍ ରେ ଏକ ଛୋଟ ପରିମାଣର ଖାଦ୍ୟ ସଂରକ୍ଷଣ କରନ୍ତି, ତେବେ ବଜେଟ୍ ଆପଣଙ୍କୁ ଅପ୍ରତ୍ୟାଶିତ ଘଟଣା ବିରୁଦ୍ଧରେ ଆପଣଙ୍କର ଆର୍ଥିକ ସୁରକ୍ଷା କରିବାରେ ସାହାଯ୍ୟ କରିପାରେ। ଯେପରି ଏକ ପିମ୍ପୁଡ଼ି ଶୀତ ପାଇଁ ପ୍ରସ୍ତୁତି ପାଇଁ ପ୍ରତିଦିନ ଖାଦ୍ୟ ସଞ୍ଚୟ କରେ, ସେହିପରି ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଏକ ଜରୁରୀକାଳୀନ ପାଣ୍ଠି ରଖିବା ଗୁରୁତ୍ୱପୂର୍ଣ୍ଣ, ଯାହା ଏକ ଦୀର୍ଘକାଳୀନ ଲକ୍ଷ୍ୟ ପାଇଁ ସଞ୍ଚୟ କରିବାଠାରୁ ଭିନ୍ନ। ଅତି କମରେ ତିନି ରୁ ଛଅ ମାସର ଖର୍ଚ୍ଚ ପୂରଣ କରିବା ପାଇଁ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନହେବା ପର୍ଯ୍ୟନ୍ତ ଆପଣଙ୍କ ଆୟର ଏକ ଛୋଟ ପ୍ରତିଶତ ରଖନ୍ତୁ।ବଜେଟ୍ ଅତ୍ୟଧିକ ଋଣକୁ ନିୟନ୍ତ୍ରଣ କରେ। ଏକ ବଜେଟ୍ ସହିତ, ଆପଣ ଆପଣଙ୍କର ଆୟ ମଧ୍ୟରେ ଆପଣଙ୍କର ଖର୍ଚ୍ଚ ପରିଚାଳନା କରିପାରିବେ ଏବଂ ପ୍ରତ୍ୟେକ ଖର୍ଚ୍ଚ ପାଇଁ ଅନାବଶ୍ୟକ ଋଣ ନେବାରୁ ରକ୍ଷା କରିପାରିବେ, ବଡ଼ କିମ୍ବା ଛୋଟ। ଅନାବଶ୍ୟକ ଜିନିଷ ଉପରେ ଅଯଥା ଖର୍ଚ୍ଚ କରିବା ଦ୍ୱାରା ପ୍ରତି ମାସରେ ଆପଣଙ୍କର ଖର୍ଚ୍ଚ ଶକ୍ତି ହ୍ରାସ ପାଏ କାରଣ ଆପଣଙ୍କର ଅଧିକରୁ ଅଧିକ ଟଙ୍କା ସୁଧ ଖର୍ଚ୍ଚ କିମ୍ବା ଏପରି ଜିନିଷ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶିତ ହୁଏ ଯାହାର କୌଣସି ଦୀର୍ଘକାଳୀନ ମୂଲ୍ୟ ନାହିଁ। ଏକ ବଜେଟ୍ ସହିତ, ଆପଣ ଉତ୍ସବ, ପାର୍ଟି, ବିବାହ ଉପହାର, କିମ୍ବା ଗନ୍ତବ୍ୟସ୍ଥଳ ଇତ୍ୟାଦି ଯୋଗୁଁ ଅତିରିକ୍ତ ଖର୍ଚ୍ଚ ହେଉଥିବା ମାସଗୁଡ଼ିକ ପାଇଁ ମଧ ଯୋଜନା କରିପାରିବେ। ବଜେଟ୍ ଟଙ୍କା ସମ୍ବନ୍ଧୀୟ ଚାପ ହ୍ରାସ କରେ। ଆର୍ଥିକ ସ୍ୱାଧୀନତାର ଏକ ବଡ଼ ଅଂଶ ହେଉଛି ଆପଣଙ୍କ ମନ ଏବଂ ହୃଦୟକୁ ଜୀବନ ବିଷୟରେ ଚିନ୍ତାରୁ ମୁକ୍ତ ରଖିବା। ଏକ ବଜେଟ୍ ରଖିବା ଆପଣଙ୍କୁ ଆପଣଙ୍କ ଟଙ୍କାକୁ ବୁଦ୍ଧିମାନ ଭାବରେ ପରିଚାଳନା କରିବାକୁ ଅନୁମତି ଦିଏ, ଯାହା ଫଳରେ ଆପଣଙ୍କୁ ଚାପ ଏବଂ ନିଦ୍ରାହୀନ ରାତିରୁ ମୁକ୍ତି ମିଳିଥାଏ। ଏହାର ଅର୍ଥ ହେଉଛି ଆପଣ ଆପଣଙ୍କ ସ୍ୱପ୍ନର ଘର କାଟିବା ବିଷୟରେ ଚିନ୍ତା ନକରି ସେହି ଅତିରିକ୍ତ ଟେକଆଉଟ୍ ଭୋଜନ କିଣିପାରିବେ। ସଂଖ୍ୟାକୁ କମାଇବା ଆପଣଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ରବିବାରର ଧାରଣା ନ ହୋଇପାରେ, କିନ୍ତୁ ସମୟ ସମୟରେ ବଜେଟ୍ କରିବା ଆପଣଙ୍କୁ ଆତ୍ମବିଶ୍ୱାସର ସହିତ ଟଙ୍କା ଖର୍ଚ୍ଚ କରିବାକୁ ଅନୁମତି ଦିଏ। ତେଣୁ, ବଜେଟ୍ କରିବା ଆପଣଙ୍କ ଆର୍ଥିକ ଖୁସି ପାଇଁ ମୂଳଦୁଆ ହୋଇଯାଏ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

# ବିଡ଼ି ଉପରେ କମ୍ ଟିକସ: ସ୍ୱଳ୍ପମିଆଦି ଲାଭ କିନ୍ତୁ ଦୀର୍ଘମିଆଦି ବିପଦ

ଭାରତର ଜନସ୍ୱାସ୍ଥ୍ୟ ନୀତି ଓ ରାଜସ୍ୱ ସଂଗ୍ରହ ବ୍ୟବସ୍ଥା ମଧ୍ୟରେ ଥିବା ପାରସ୍ପରିକ ବିରୋଧାଭାସର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବିଡ଼ି ଉପରେ ଲାଗୁ ହେଉଥିବା ଟିକସ ବ୍ୟବସ୍ଥା । ଯଦି ସିଗାରେଟ୍ ଉପରେ ଟିକସ ବୃଦ୍ଧି କରିବା ଧୂମପାନକୁ ନିରୁତ୍ସାହିତ କରିବା ପାଇଁ ଏକ ଜନସ୍ୱାସ୍ଥ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଏ, ତେବେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ଜୀବିକା ରକ୍ଷା କରିବା ନାମରେ ବିଡ଼ି ଉପରେ ଟିକସ କମ୍ କରିବା ସେମାନଙ୍କ ଜୀବନ ପ୍ରତି ଏକ ଦୀର୍ଘମିଆଦି ବିପଦକୁ ଅଣଦେଖା କରିବା ସଦୃଶ ଅଟେ । ବର୍ତ୍ତମାନର ସାମଗ୍ରୀ ଓ ସେବା କର (ଜିଏସଟି) ବ୍ୟବସ୍ଥାରେ ଅଧିକାଂଶ ତମାଖୁ ଦ୍ରବ୍ୟ ଉପରେ ସର୍ବାଧିକ ୪୦% ଟିକସ ଲାଗୁ ହେଉଥିବା ବେଳେ ବିଡ଼ି ଉପରେ ମାତ୍ର ୧୮% ଟିକସ ଧାର୍ଯ୍ୟ କରାଯାଇଛି। ଏହି କାରଣରୁ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟ ତୁଳନାରେ ବିଡ଼ି ଯଥେଷ୍ଟ ଶସ୍ତା ରହିଛି । ଚଳିତ ମାସରୁ ଲାଗୁ ହୋଇଥିବା ନୂତନ ଟିକସ ହାର ଏହି ବ୍ୟବଧାନକୁ ବଜାୟ ରଖିଛି, ଯାହା ପରୋକ୍ଷରେ ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସରକାରୀ ରିପୋର୍ଟ ଏବଂ ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଏହା ନିଶ୍ଚିତ କରେ ଯେ ବିଡ଼ି ସିଗାରେଟ୍ ଠାରୁ କୌଣସି ଗୁଣରେ କମ୍ ଘାତକ ନୁହେଁ । ବରଂ, କେତେକ କ୍ଷେତ୍ରରେ ବିଡ଼ି ସେବନକାରୀଙ୍କ ମଧ୍ୟରେ କର୍କଟ ରୋଗର ଆଶଙ୍କା ଅଧିକ ଥାଏ । ସରକାରୀ ଡାକ୍ତରଖାନାରେ ମଧ୍ୟ କର୍କଟ ରୋଗର ଚିକିତ୍ସା ଖର୍ଚ୍ଚ ଅନ୍ୟାନ୍ୟ ସାଧାରଣ ରୋଗ ତୁଳନାରେ ତିନି ଗୁଣ ଅଧିକ ହୋଇଥାଏ । ତେଣୁ, ବିଡ଼ି ଉପରେ ଟିକସ ସୀମିତ ରଖି ଗରିବଙ୍କୁ ଶସ୍ତାରେ ନିଶା ଯୋଗାଇବା ଏକ ଦୂରଦୃଷ୍ଟିହୀନ ସବସିଡି ବା ରିହାତି ସଦୃଶ, ଯାହା ଭବିଷ୍ୟତରେ ସେମାନଙ୍କ ପରିବାର ଉପରେ ଅର୍ଥନୈତିକ ବୋଝ ଲଦିଦେଇଥାଏ । ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଡ଼ି ଏବଂ ସିଗାରେଟ୍ ଉପଭୋକ୍ତାଙ୍କ ଜନସାଂଖ୍ୟିକ ପାର୍ଥକ୍ୟ । ତଥ୍ୟରୁ ଜଣାପଡେ ଯେ ଯେଉଁ ଶ୍ରମିକମାନେ ବିଡ଼ି ତିଆରି କରନ୍ତି ଏବଂ ଯେଉଁମାନେ ଏହାର ମୁଖ୍ୟ ଉପଭୋକ୍ତା, ସେମାନଙ୍କ ମଧ୍ୟରେ ଯଥେଷ୍ଟ ସମାନତା ରହିଛି । ସିଗାରେଟ୍ ଧୂମପାନକାରୀଙ୍କର କୌଣସି ନିର୍ଦ୍ଦିଷ୍ଟ ଜନସାଂଖ୍ୟିକ ରୂପରେଖ ନଥିବା ବେଳେ ବିଡ଼ି ସେବନ ଏକ ନିର୍ଦ୍ଦିଷ୍ଟ ସାମାଜିକ-ଅର୍ଥନୈତିକ ବର୍ଗ ମଧ୍ୟରେ ସୀମିତ ରହିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (NFHS)ର ତଥ୍ୟ ଅନୁଯାୟୀ, ଜନସଂଖ୍ୟାର ସବୁଠାରୁ ଗରିବ ୨୦% ବର୍ଗର ବୟସ୍କ ଗ୍ରାମୀଣ ପୁରୁଷମାନଙ୍କ ମଧ୍ୟରେ ବିଡ଼ି ସେବନ ସର୍ବାଧିକ ଦେଖାଯାଏ । ତେଣୁ, ବିଡ଼ି ଟିକସ କମ୍ ରଖିବା ଦ୍ୱାରା ଯୁବାବସ୍ଥାରେ ଶ୍ରମିକମାନେ ହୁଏତ କିଛି ପଇସା ସଞ୍ଚୟ କରିପାରନ୍ତି, କିନ୍ତୁ ବାର୍ଦ୍ଧକ୍ୟରେ ସ୍ୱାସ୍ଥ୍ୟସେବାର ଅତ୍ୟଧିକ ଖର୍ଚ୍ଚ ସେହି ସଞ୍ଚୟକୁ ନିମିଷକେ ଶେଷ କରିଦିଏ । ଭାରତରେ ତମାଖୁ ବ୍ୟବହାର ମୁଖ୍ୟତଃ ପୁରୁଷମାନଙ୍କ ମଧ୍ୟରେ କେନ୍ଦ୍ରୀଭୂତ । ୨୦୧୯-୨୧ ମସିହାର ତଥ୍ୟ ଅନୁଯାୟୀ, ପ୍ରାୟ ୧୩.୩% ପୁରୁଷ ସିଗାରେଟ୍ ଟାଣୁଥିବା ବେଳେ ୭.୮% ବିଡ଼ି ସେବନ କରୁଥିଲେ । ମହିଳାମାନଙ୍କ କ୍ଷେତ୍ରରେ ଏହି ହାର ୦.୧% ରୁ କମ୍ ଥିଲା । ତେବେ ଗ୍ରାମାଞ୍ଚଳରେ ପୁରୁଷମାନଙ୍କ ମଧ୍ୟରେ ବିଡ଼ି ସେବନ ହାର (୮.୩%) ସହରାଞ୍ଚଳ (୪.୫%) ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ରହିଛି । ଯଦିଓ ସିଗାରେଟ୍ ଧୂମପାନକାରୀଙ୍କ ତୁଳନାରେ ବିଡ଼ି ଧୂମପାନକାରୀଙ୍କ ସଂଖ୍ୟା ଜନସଂଖ୍ୟାର ଏକ ଛୋଟ ଅଂଶ, କିନ୍ତୁ ସେମାନଙ୍କର ସେବନର ବାରମ୍ବାରତା (Frequency) ଯଥେଷ୍ଟ ଅଧିକ । ତଥ୍ୟରୁ ଏକ ସ୍ପଷ୍ଟ ବିଭାଜନ ଦେଖିବାକୁ ମିଳେ: ୮୦% ରୁ ଅଧିକ ବିଡ଼ି ଧୂମପାନକାରୀ ଦିନକୁ ପାଞ୍ଚରୁ ଅଧିକ ବିଡ଼ି ସେବନ କରୁଥିବା ବେଳେ ୭୦% ରୁ ଅଧିକ ସିଗାରେଟ୍ ଧୂମପାନକାରୀ ଦିନକୁ ପାଞ୍ଚରୁ କମ୍ ସିଗାରେଟ୍ ସେବନ କରନ୍ତି । ତେଣୁ, ବିଡ଼ି ସମ୍ବନ୍ଧୀୟ ନୀତି କେବଳ କେତେ ଲୋକ ଧୂମପାନ କରୁଛନ୍ତି ତାହା ଉପରେ ଧ୍ୟାନ ଦେବା ଉଚିତ ନୁହେଁ, ବରଂ ସେମାନେ ବାସ୍ତବରେ କେତେ ପରିମାଣରେ ଧୂମପାନ କରୁଛନ୍ତି ତାହା ବିଚାରକୁ ନେବା ଆବଶ୍ୟକ । ଶସ୍ତା ଦର ଯୋଗୁଁ ବିଡ଼ି ଉପଭୋକ୍ତାମାନେ ଅଧିକ ମାତ୍ରାରେ ଏହାକୁ ସେବନ କରିଥାନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । ଶିକ୍ଷା ଏବଂ ବୟସ ଭିତ୍ତିରେ ମଧ୍ୟ ଏହି ପାର୍ଥକ୍ୟ ଅଧିକ ସ୍ପଷ୍ଟ ହୋଇଥାଏ । ସମସ୍ତ ଶିକ୍ଷାଗତ ସ୍ତରରେ ସିଗାରେଟ୍ ଧୂମପାନ ସମାନ ଭାବରେ ବଣ୍ଟିତ ହୋଇଥିବା ବେଳେ, ସର୍ବନିମ୍ନ ଶିକ୍ଷା ଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଡ଼ି ବ୍ୟବହାର ଅତ୍ୟଧିକ କେନ୍ଦ୍ରୀଭୂତ । ଯୁବକ ଏବଂ ମଧ୍ୟବୟସ୍କ ପୁରୁଷମାନେ ମୁଖ୍ୟତଃ ସିଗାରେଟ୍ ପସନ୍ଦ କରୁଥିବା ବେଳେ ବୟସ୍କ ଜନସଂଖ୍ୟା ମଧ୍ୟରେ ବିଡ଼ି ସେବନ ଅଧିକ ପ୍ରଚଳିତ । ଜାତି ଭିତ୍ତିରେ ଦେଖିଲେ, ସିଗାରେଟ୍ ଧୂମପାନରେ କୌଣସି ବିଶେଷ ପାର୍ଥକ୍ୟ ନାହିଁ, କିନ୍ତୁ ବିଡ଼ି ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଏ। ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST) ଜନସଂଖ୍ୟାର ୧୫% ରୁ ଅଧିକ ଲୋକ ସିଗାରେଟ୍ ଟାଣନ୍ତି, ଯାହା ସାଧାରଣ ବର୍ଗଙ୍କ ସହ ସମାନ । କିନ୍ତୁ ବିଡ଼ି କ୍ଷେତ୍ରରେ, ସାଧାରଣ ବର୍ଗର ୭% ତୁଳନାରେ ଝଉ ଜନସଂଖ୍ୟାର ୧୦.୬% ଲୋକ ଏହାକୁ ସେବନ କରନ୍ତି । ତମାଖୁ ଚୟନରେ ଅର୍ଥନୈତିକ ଅସମାନତା ଅତ୍ୟନ୍ତ ଉତ୍କଟ । ସିଗାରେଟ୍ ସେବନ ଉପରେ ସମ୍ପତ୍ତିର ବିଶେଷ ପ୍ରଭାବ ପଡୁନଥିବା ବେଳେ ବିଡ଼ି ବ୍ୟବହାରର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ । ଭାରତର ସବୁଠାରୁ ଗରିବ ପରିବାରଗୁଡ଼ିକ ମଧ୍ୟରେ ବିଡ଼ି ଏବଂ ସିଗାରେଟ୍ ଧୂମପାନକାରୀଙ୍କ ଅଂଶ ପ୍ରାୟ ସମାନ (ପ୍ରାୟ ୧୪-୧୫%) । ତେବେ ପରିବାରର ସମ୍ପତ୍ତି ବୃଦ୍ଧି ପାଇବା ସହିତ ବିଡ଼ି ସେବନ ହ୍ରାସ ପାଏ । ସବୁଠାରୁ ଧନୀ ପରିବାରରେ ସିଗାରେଟ୍ ବ୍ୟବହାର ୧୧.୫% ରେ ସ୍ଥିର ରହିଥିବା ବେଳେ ବିଡ଼ି ସେବନ ମାତ୍ର ୨.୧% କୁ ଖସିଆସେ। ଏଥିରୁ ସ୍ପଷ୍ଟ ହୁଏ ଯେ ବିଡ଼ି ମୁଖ୍ୟତଃ ଗରିବଙ୍କ ନିଶା ଏବଂ କମ୍ ଟିକସ ଯୋଗୁଁ ସେମାନେ ଏହି ମାରାତ୍ମକ ଅଭ୍ୟାସରୁ ମୁକ୍ତି ପାଇପାରୁ ନାହାନ୍ତି ।

୨୦୨୨ ମସିହାରେ ପ୍ରକାଶିତ 'ରିପୋର୍ଟ ଅନ୍ ଟୋବାକୋ କଣ୍ଟ୍ରୋଲ୍ ଇନ୍ ଇଣ୍ଡିଆ' ଦର୍ଶାଏ ଯେ ବିଡ଼ି ଧୂମପାନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ, ଯାହା ଅନେକ କ୍ଷେତ୍ରରେ ସିଗାରେଟ୍ ଠାରୁ ଅଧିକ । ରିପୋର୍ଟରେ ଶ୍ୱାସକ୍ରିୟା ଜନିତ ବିପଦରେ ଉଲ୍ଲେଖନୀୟ ପାର୍ଥକ୍ୟ ଦର୍ଶାଯାଇଛି: ସିଗାରେଟ୍ ଧୂମପାନକାରୀଙ୍କ ତୁଳନାରେ ବିଡ଼ି ଧୂମପାନକାରୀଙ୍କ ଆଜ୍ ?ମା (Asthma) ରୋଗରେ ପୀଡିତ ହେବାର ଆଶଙ୍କା ୨.୮୭ ଗୁଣ ଅଧିକ, ଯେଉଁଠାରେ ସିଗାରେଟ୍ ପାଇଁ ଏହା ୧.୮୨ ଗୁଣ । କର୍କଟ ରୋଗର ଆଶଙ୍କା ମଧ୍ୟ ସମାନ ଧାରା ପ୍ରଦର୍ଶନ କରେ । ମୁମ୍ବାଇର ଏକ ଗବେଷଣାରୁ ଜଣାପଡିଛି ଯେ ବିଡ଼ି ଧୂମପାନକାରୀମାନେ ସିଗାରେଟ୍ ଧୂମପାନକାରୀଙ୍କ ଅପେକ୍ଷା ସମସ୍ତ ପ୍ରକାର କର୍କଟ ରୋଗର ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି, ବିଶେଷକରି ଫୁସଫୁସ ଏବଂ ଗଳା କର୍କଟ କ୍ଷେତ୍ରରେ । ଯକ୍ଷ୍ମା (TB) ମୃତ୍ୟୁହାର ମଧ୍ୟ ଅଧିକ ଗମ୍ଭୀର, କାରଣ ବିଡ଼ି ଧୂମପାନକାରୀଙ୍କ ମୃତ୍ୟୁ ଆଶଙ୍କା ୨.୬ ଗୁଣ ଅଧିକ । ସ୍ୱାସ୍ଥ୍ୟ ଅର୍ଥନୀତିଜ୍ଞ ରିଜୋ ଜନ୍‌ଙ୍କ ମତରେ, 'ଗରିବ ଲୋକମାନେ ଯେଉଁମାନେ ବିଡ଼ିର ମୁଖ୍ୟ ଉପଭୋକ୍ତା, ସେମାନେ ଶେଷରେ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଖର୍ଚ୍ଚ କରନ୍ତି । ଏହା କେବଳ ଗରିବ ଏବଂ ଧନୀଙ୍କ ମଧ୍ୟରେ ଥିବା ଅସମାନତାକୁ ବୃଦ୍ଧି କରିବ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଭାରତରେ ଉପଭୋକ୍ତାମାନଙ୍କୁ ନିବୃତ୍ତ କରିବା ପାଇଁ ସିଗାରେଟ୍ ଉପରେ ଟିକସ କ'ଣ ପର୍ଯ୍ୟାପ୍ତ ? ଗ୍ଲୋବାଲ୍ ଆଡଲ୍ଟ ଟୋବାକୋ ସର୍ଭେ (GATS-2) ୨୦୧୬-୧୭ ଦର୍ଶାଏ ଯେ ଭାରତୀୟମାନଙ୍କର ତମାଖୁ ଉପରେ ହାରାହାରି ମାସିକ ଖର୍ଚ୍ଚ ଉଭୟ ସିଗାରେଟ୍ ଏବଂ ବିଡ଼ି ଉପଭୋକ୍ତାଙ୍କ ପାଇଁ ବୃଦ୍ଧି ପାଇଛି, କିନ୍ତୁ ଏହାର କାରଣ ଭିନ୍ନ ଭିନ୍ନ । ମୁଦ୍ରାସ୍ଫୀତିକୁ ସମାଯୋଜିତ କରିବା ପରେ, ଦୈନିକ ଧୂମପାନକାରୀମାନେ ସିଗାରେଟ୍ ପାଇଁ ମାସକୁ ପ୍ରାୟ ୧,୧୯୨ ଟଙ୍କା ଖର୍ଚ୍ଚ କରୁଥିଲେ, ଯାହା ୨୦୦୯-୧୦ (GATS-1)ରେ ୬୬୮ ଟଙ୍କା ଥିଲା। ଅନ୍ୟପକ୍ଷରେ, ବିଡ଼ି ପାଇଁ ମାସିକ ଖର୍ଚ୍ଚ ୧୫୬ ଟଙ୍କାରୁ ବୃଦ୍ଧି ପାଇ ୨୮୪ ଟଙ୍କା ହୋଇଛି । ସର୍ବେକ୍ଷଣ ଅନୁଯାୟୀ, ସିଗାରେଟ୍ ପାଇଁ ଏହି ଖର୍ଚ୍ଚ ବୃଦ୍ଧି ମୁଖ୍ୟତଃ ମୂଲ୍ୟ ବୃଦ୍ଧି ଦ୍ୱାରା ପରିଚାଳିତ ଥିଲା । GATS-1 ଏବଂ GATS-2 ମଧ୍ୟରେ ଦିନକୁ ସିଗାରେଟ୍ ଟାଣିବା ସଂଖ୍ୟାରେ ବିଶେଷ ବୃଦ୍ଧି ଘଟିନାହିଁ, ଯାହା ସୂଚାଏ ଯେ ଅଧିକ ଖର୍ଚ୍ଚ ଉଚ୍ଚ ଟିକସ ଏବଂ ମୂଲ୍ୟକୁ ପ୍ରତିଫଳିତ କରେ, ଅଧିକ ବ୍ୟବହାରକୁ ନୁହେଁ । କିନ୍ତୁ ବିଡ଼ି କ୍ଷେତ୍ରରେ ଚିତ୍ର ଓଲଟା । ଦୁଇଟି ସର୍ବେକ୍ଷଣ ମଧ୍ୟରେ ଦିନକୁ ବିଡ଼ି ଟାଣିବା ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ଖର୍ଚ୍ଚ ବଢ଼ାଇଛି । ଏହା ସୂଚାଏ ଯେ ଟିକସ ନୀତି ସିଗାରେଟ୍ ବ୍ୟବହାରକୁ ନିୟନ୍ତ୍ରଣ କରିବାରେ ପ୍ରଭାବଶାଳୀ ହୋଇଛି, କିନ୍ତୁ ବିଡ଼ି ବ୍ୟବହାରକୁ ରୋକିବାରେ ବିଫଳ ହୋଇଛି ।

ଏହି ସମସ୍ୟାର ସମାଧାନ ପାଇଁ ଅର୍ଥନୀତିଜ୍ଞ ତଥା ବିଶେଷଜ୍ଞମାନେ ଏକ ବିକଳ୍ପ ଟିକସ ବ୍ୟବସ୍ଥାର ପ୍ରସ୍ତାବ ଦେଇଛନ୍ତି, ଯାହାକୁ 'ନିର୍ଦ୍ଦିଷ୍ଟ ଅବକାରୀ ଶୁଳ୍କ' (Specific Excise Tax) କୁହାଯାଏ । ବର୍ତ୍ତମାନର ଟିକସ ବ୍ୟବସ୍ଥା ଅନେକାଂଶରେ ଉତ୍ପାଦର ମୂଲ୍ୟ ଉପରେ ଆଧାରିତ (Ad Valorem), ଯାହା ଉତ୍ପାଦକମାନଙ୍କୁ ଦାମ୍ କମ୍ ରଖି ଟିକସ ବଞ୍ଚାଇବାର ସୁଯୋଗ ଦେଇଥାଏ । କିନ୍ତୁ 'ନିର୍ଦ୍ଦିଷ୍ଟ ଅବକାରୀ ଶୁଳ୍କ' ବ୍ୟବସ୍ଥାରେ ଟିକସ ଉତ୍ପାଦର ମୂଲ୍ୟ ଉପରେ ନିର୍ଭର ନକରି ଏହାର ପରିମାଣ ବା ସଂଖ୍ୟା ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଯଦି ସରକାର ପ୍ରତି ୧୦୦୦ ବିଡ଼ି ପିଛା ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଟିକସ ଆକାରରେ ଧାର୍ଯ୍ୟ କରନ୍ତି, ତେବେ ଉତ୍ପାଦକ ଚାହିଁଲେ ମଧ୍ୟ ବିଡ଼ିର ମୂଲ୍ୟକୁ ଏକ ନିର୍ଦ୍ଦିଷ୍ଟ ସୀମାରୁ ତଳକୁ ଖସାଇ ପାରିବେ ନାହିଁ । ଯଦି କେବଳ ବ୍ୟବହୃତ ପରିମାଣ ଆଧାରରେ ଟିକସ ଆଦାୟ କରାଯାଏ, ତେବେ ଉତ୍ପାଦକ ବିଡ଼ିକୁ କମ୍ ଦାମ୍‌ରେ ବିକ୍ରି କରନ୍ତୁ ବା ଅଧିକ ଦାମ୍‌ରେ, ସରକାରଙ୍କୁ ଦେବାକୁ ଥିବା ଟିକସ ସମାନ ରହିବ । ଏହା ଫଳରେ ବିଡ଼ିର ଖୁଚୁରା ମୂଲ୍ୟ ବୃଦ୍ଧି ପାଇବାକୁ ବାଧ୍ୟ ହେବ ଏବଂ ଶସ୍ତା ନିଶା ଉପଲବ୍ଧ ହେବ ନାହିଁ । ଯେହେତୁ ବିଡ଼ି ଉପଭୋକ୍ତାମାନେ ମୁଖ୍ୟତଃ ଗରିବ ଶ୍ରେଣୀର ଏବଂ ମୂଲ୍ୟ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ମୂଲ୍ୟ ବୃଦ୍ଧି ସିଧାସଳଖ ବ୍ୟବହାରକୁ ନିରୁତ୍ସାହିତ କରିବ । ରିଜୋ ଜନ୍‌ଙ୍କ ଭଳି ବିଶେଷଜ୍ଞମାନଙ୍କ ମତରେ ଏହି ପଦ୍ଧତି ହିଁ ବାସ୍ତବରେ ବ୍ୟବହାର ହ୍ରାସ କରିବାରେ ସହାୟକ ହୋଇପାରିବ ।

ପରିଶେଷରେ, ଗ୍ରାମୀଣ ଅର୍ଥନୀତି ଏବଂ ରୋଜଗାରର ଦ୍ୱାହି ଦେଇ ବିଡ଼ି ଉପରେ କମ୍ ଟିକସ ବଜାୟ ରଖିବା ପ୍ରକୃତରେ ଗରିବ ଜନସାଧାରଣଙ୍କ ସ୍ୱାର୍ଥ ବିରୋଧୀ । ସ୍ୱଳ୍ପମିଆଦି ଅର୍ଥନୈତିକ ଲାଭ ପାଇଁ ଏକ ବୃହତ ଜନସଂଖ୍ୟାକୁ ମାରାତ୍ମକ ରୋଗ ମୁହଁକୁ ଠେଲିଦେବା କୌଣସି କଲ୍ୟାଣକାରୀ ରାଷ୍ଟ୍ରର ଲକ୍ଷ୍ୟ ହୋଇପାରିବ ନାହିଁ । 'ଗରିବଙ୍କ ଆନନ୍ଦ' କୁହାଯାଉଥିବା ବିଡ଼ି ପ୍ରକୃତରେ 'ଗରିବଙ୍କ ପାଇଁ ବିଷ' ପାଲଟିଛି । ସରକାର ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରି 'ନିର୍ଦ୍ଦିଷ୍ଟ ଅବକାରୀ ଶୁଳ୍କ' ଭଳି କଠୋର ଟିକସ ନୀତି ଲାଗୁ କରିବା ସହ ଜନସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ, ଯାହାଦ୍ୱାରା ଦେଶର ଗରିବ ବର୍ଗ କର୍କଟ ଓ ଯକ୍ଷ୍ମା ଭଳି ରୋଗର ବ୍ୟୟବହୁଳ ଚିକିତ୍ସା ବୋଝରୁ ମୁକ୍ତି ପାଇପାରିବେ।

# ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ କେନ୍ଦ୍ର, ମହାମହିମ ଓ ଜାମସେଦପୁରର ଓଡ଼ିଆ



**ବାଦଲ ଭୂୟାଁ**

**କଲେକଟୋରେଟ୍ ପୂର୍ବସିଂହଭୂମ, ଜାମସେଦପୁରଙ୍କ ସଭାଗୃହରେ ଡେପୁଟି କମିସନର କର୍ଣ୍ଣ ସତ୍ୟାର୍ଥୀଙ୍କ କାର୍ଯ୍ୟାଳୟ ଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଚିକିତ୍ସାଳୟ ବ୍ୟବସ୍ଥା, ଅଗ୍ନିଶ୍ରମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇ ଥିଲା। ଡି.ସି. ସତ୍ୟାର୍ଥି ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର।**

ସମଗ୍ର ଭାରତ ବର୍ଷରେ ଓଡ଼ିଆକୁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଦେଇଥିବା ରାଜ୍ୟ ହେଉଛି ଝାଡ଼ଖଣ୍ଡ। ଓଡ଼ିଶାକୁ ଲାଗିଥିବା ଏହି ରାଜ୍ୟଟି ଶିଳ୍ପ କ୍ଷେତ୍ର ଭାବେ ସମୃଦ୍ଧ। ଅନେକ ଓଡ଼ିଆ ପିଢ଼ି ପିଢ଼ି ଧରି ଏଠାରେ ବୃତ୍ତିଗତ କର୍ମସଂସ୍ଥାନ ନିମିତ୍ତ ରହି ଆସୁଛନ୍ତି ଓ ସମଗ୍ର ଝାଡ଼ଖଣ୍ଡର ବିଭିନ୍ନ ଅନୁଷ୍ଠାନରେ ପ୍ରତିଷ୍ଠିତ ପଦପଦବୀରେ ଶୀର୍ଷ କ୍ଷେତ୍ର ଓ ଲୋକପ୍ରିୟ ବ୍ୟବସ୍ଥା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ବଡ଼ ଖୁସିର କଥା ଆସନ୍ତା ୨୬ ଫେବୃଆରୀରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଭାରତର ସର୍ବପୁରାତନ ଲୌହନଗରୀ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଧର୍ମାର୍ଥ। କେନ୍ଦ୍ର ଟ୍ରଷ୍ଟର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକାର ସୋନାରୀ ଏୟାର ପୋର୍ଟ ଠାରେ ୧୧ଟା ୩୦ ସକାଳ ସମୟରେ ଅବତରଣ କରିବେ। ଏଠାରୁ ସେ କଦମା ମେରିନ୍ ଡ୍ରାଇଵ ଠାରେ ଅବସ୍ଥିତ ଭୂମି ପୂଜନ ସ୍ଥଳରେ ପହଞ୍ଚି ଦିନ ୨ଟା ୪୦ ମିନିଟ ପର୍ଯ୍ୟନ୍ତ ସେଠାରେ ଅବସ୍ଥିତ ରହିବେ। ଏହାପରେ ମେରିନ ଡ୍ରାଇବରୁ ମହାରାଣାପ୍ରତାପ ଛକ, ଜେ.ପି. ବସ ଟର୍ମିନାଲ, ଏଗ୍ରିକୋ ରାସ୍ତା ବାରେଢ଼ି ସ୍ଥିତ ଟାଟା ମଣିପାଲ ମେଡ଼ିକାଲ କଲେଜ ପହଞ୍ଚିବେ ଯେଉଁଠି ୩ଟା ୪୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଟାଟା ମଣିପାଲର ନୂଆ ଏକାଡ଼େମିକ କ୍ଲବର ଉଦଘାଟନ କରିବା ସହ ହସ୍ପିଟାଲ ପ୍ରବଂଧନ ଦ୍ୱାରା ତିଆରି କରାଯାଉଥିବା 'ଦ୍ରୌପଦୀ ମୁର୍ମୁ କମ୍ପେଲକ୍ସ'ର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ।

କଲେକଟୋରେଟ୍ ପୂର୍ବସିଂହଭୂମ, ଜାମସେଦପୁରଙ୍କ ସଭାଗୃହରେ ଡେପୁଟି କମିସନର କର୍ଣ୍ଣ ସତ୍ୟାର୍ଥୀଙ୍କ କାର୍ଯ୍ୟାଳୟ ଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଚିକିତ୍ସାଳୟ ବ୍ୟବସ୍ଥା, ଅଗ୍ନିଶ୍ରମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇ ଥିଲା। ଡି.ସି. ସତ୍ୟାର୍ଥି ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର। କାର୍ଯ୍ୟକ୍ରମ ସ୍ଥଳରେ ପ୍ରବେଶ ପତ୍ର, ସେଗୁଡ଼ିକର ସତ୍ୟାପନ, ମିଡ଼ିଆ ପ୍ରବନ୍ଧନ, ଅତିଥି ସତ୍କାର ପ୍ରୋଟୋକଲ ଅନୁସାରେ ସବୁ କାମ ହେବା ଦରକାର। ସେ ସବୁ ବିଭାଗକୁ କହିଲେ, ରାଷ୍ଟ୍ରପତିଙ୍କ ଆମ ଜିଲ୍ଲାକୁ ଆସିବା ଏକ ସମ୍ମାନର କଥା। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସକାଳ ୧୧ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ନୋ ଏଣ୍ଟ୍ରି ଲାଗୁ ହୋଇଯିବ। ଭୂୟାଁଡିହ ସ୍ଥିତ ଜେ.ପି. ବସ ଟର୍ମିନାଲଠୁ ଯାଉଥିବା ଦୂରଗାମୀ ବସ ସବୁ ଚାଲିବ ନାହିଁ। ଅନ୍ୟ ଭିଆଇପି ଆଗମନରେ ଡୋବୋ (ସୋନାରୀ) ପୋଲର ଆରପଟୁ ବସ ସବୁ ଚଲାଯଏ, କିନ୍ତୁ ରାଷ୍ଟ୍ରପତିଙ୍କ ସହରରେ ରହିବା ପର୍ଯ୍ୟନ୍ତ ଏହି ବସ ରୁଟକୁ ପୁରାପୁରି ବନ୍ଦ ରଖାଯିବ, ଲମ୍ବା ଦୂରଗାମୀ ବସର ପରିଚାଳନା ଡିମନା ଛକ ଏବଂ ପାରିଡ଼ିହ ଛକଠାରୁ ପରିଚାଳିତ ହେବ। ଚାଇଁବସ ଓ ଓଡ଼ିଶା ଯାଉଥିବା ବସ ସବୁ ସାକଚି ସ୍ଥିତି ଡୁବୁଲୀ ପାର୍କ ଗେଟ କିମ୍ବା ବିଷ୍ଟୁପୁର ଠାରୁ ବାହାରିବାର ବ୍ୟବସ୍ଥା କରାଯାଇଛି। ଟ୍ରଷ୍ଟକୁ ଦୀର୍ଘ କିଛି ବର୍ଷର ପରିଶ୍ରମ ପରେ ଦୁଇ ଏକର ଆଠ ପାଖାପାଖିତିନି ଏକର ଜମି କଦମାସ୍ଥ ଖଡ଼ଖାଇ ନଈକୂଳ ମେରିନ ଡ୍ରାଇଵ ଠାରେ ସେତେବେଳର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଯୋଗୁଁ ମାତ୍ର ଏକ ଟଙ୍କାରେ ମିଳିଛି। ଏସବୁ ପଛର ମହାନାୟକ ଓ ଏଠାକାର ଓଡ଼ିଆ ମାନଙ୍କର ପ୍ରାଣସ୍ପନ୍ଦନ ସୁରେନ୍ଦ୍ର କୁମାର ବେହେରାଙ୍କ ପ୍ରୟାସର ଏହା ହେଉଛି ମାନସ ସନ୍ତାନ। ହାତରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ କରି ଆଜି ଏ ସଂସ୍ଥା ମୁଣ୍ଡ ଟେକିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୧୨ଶହରୁ ୧୫ଶହ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ପ୍ରସାଦ ରନ୍ଧନ ପାଇଁ ପୂଜାରୀ ଆସିବାର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ହୋମ, ପୂଜା, ନବରତ୍ନ ଓ ଅନ୍ୟାନ୍ୟ ବିଧି ବିଧାନରେ ଭୂମି ପୂଜନର ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଟ୍ରଷ୍ଟ ଗଠନ ହେବାକୁ ଯାଉଛି। ଏଥିରେ ଜଗନ୍ନାଥଙ୍କ ଉପରେ ବିଭିନ୍ନ ତଥ୍ୟ ସମ୍ବଳିତ ଚିତ୍ର ଓ ଚରିତ୍ର ସବୁ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। କଲେଜ ଓ ୟୁନିଭରସିଟି ସ୍ତରର ପିଲାମାନେ ଗୀତା, ମହାଭାରତ, ରାମାୟଣ ସହ ଜଗନ୍ନାଥ ତତ୍ତ୍ୱ ଉପରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ଜାମସେଦପୁର ସହରର ଛାମୁଆ ଅନୁଷ୍ଠାନ ଉତ୍କଳ ଆସୋସିଏସନ, ବାନ୍ଧବ ସମିତି ଗୋଲମୁରୀ ଉତ୍କଳ ସମାଜ, ଆମ ଓଡ଼ିଶା ପରିବାର ଛାପ ବିଭିନ୍ନ ଜଗନ୍ନାଥ ମନ୍ଦିର, ଦୁର୍ଗାପୂଜା ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ଛଡ଼ା ପୁରା କୋହ୍ଲାଦ ବା ପୂର୍ବ-ସିଂହଭୂମ, ପଶ୍ଚିମ-ସିଂହଭୂମ ଓ ଷଢ଼େଇକଳା-ଖରସୁଆଁ ଜିଲ୍ଲାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଛଡ଼ା ଅଣଓଡ଼ିଆ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ବ୍ୟବସାୟୀକ ଅନୁଷ୍ଠାନ ପଦାଧିକାରୀଗଣ, ରାଜନୈତିକ, ଶିକ୍ଷାବିତ୍, ଡାକ୍ତର, ଓକିଲ, ନ୍ୟାୟାଧିଶ, ମହିଳା ଆଜି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି। ମଞ୍ଚରେ ରାଷ୍ଟ୍ରପତିଙ୍କ ସହିତ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଶୁଭେନ୍ଦ୍ର କୁମାର ବେହେରା, ଟାଟା ଷ୍ଟିଲ ଏମ୍.ଡ଼ି, ଏମ.ପି. ଓ ବିଧାୟକ ରହିବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ଆସୋସିଏସନର ଟ୍ରଷ୍ଟି ମନୋରଞ୍ଜନ ଦାଶ, ବିଭୂତି ଭୂଷଣ ପ୍ରଧାନ, ଡାଃ ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସମାଜସେବୀ ସଙ୍ଗୀତା ବେହେରା, ସାଧାରଣ ସଂପାଦକ ତରୁଣ ମହାନ୍ତି, ଉପସଭାପତି ବାଦଲ ଭୂୟାଁ ଓ ପ୍ରଫେସର ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ମନୀଷ ଦାଶ, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, ପ୍ରତିଭା ମହାନ୍ତି, ମନୋଜ ସାହୁ, ବିଜୟ ମିଶ୍ର, ମନୋରଞ୍ଜନ ଗୌଡ଼, ସୁଜାତା ସାହୁ, ସସ୍ମିତା ପାତ୍ର, ସୁଜାତା ଚୌଧୁରୀ, ଗୀତା ଗୌଡ଼, ବିଶିଷ୍ଟ ଆର୍କିଟେକ ଅବନିଶ ପ୍ରସାଦ ମିଶ୍ର, ଅଶୋକ ମହାପାତ୍ର, ସାଧନା, ସିପନ ମହାନ୍ତି, ନିରୁପମା ପୃଷ୍ଟି, ଜେ.ପି.ଲେଙ୍କା, ମମତାପାତ୍ର, ସୁଖଶ୍ରୀ ମହାନ୍ତି, ସ୍ନିଗ୍ଧା ମହାନ୍ତି, ମନୋରଞ୍ଜନ ପଶାୟତ, ନିରଞ୍ଜନ ନାୟକ, ଶୁଭଶ୍ରୀ ମହାନ୍ତି, କମଳା ରାଉତ, କନକ ମହାପାତ୍ର, ମନୋରମା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ, ନିବେଦିତା ଗୌଡ଼, ସରୋଜା, ମାମୁନୀ, ମିନତୀ ମହାପାତ୍ର, କୁମୁଦିନୀ ପ୍ରଧାନ, ସରୋଜ, ସୁନୀଲ, ସୁକାନ୍ତ, ଦିଲ୍ଲୀପ, ଚିତ୍ତ ସାହୁ, ସୌମେନ୍ଦ୍ର, ମନୋରଞ୍ଜନ, ସୁବ୍ରତ, ସୁନୀଲ, ବିକାଶ, ଜୟଶ୍ରୀ, ପ୍ରଶାନ୍ତ, ପବିତ୍ର, ଅଶୋକ, ମନୋରଞ୍ଜନ, କିଶୋର, ସଞ୍ଜୟ, ଅରୁଣ, ଜ୍ଞାନ, ପ୍ରସନ୍ନ ଓ ହୃଷିକେଶଙ୍କ ପରି ଓଡ଼ିଆମାନେ ଦିନରାତି କାମ କରିବାର ତତ୍ପରତା ଦେଖାଇ ଏ କାର୍ଯ୍ୟକ୍ରମ ସଫଳ କରିବାକୁ ଦିନରାତି ରାତି ଲାଗିଛନ୍ତି। ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରବାସୀଙ୍କ ଦୀର୍ଘ ଦିନର ଏକ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ: ୭୪୮୮୯୯୮୫୩୨

# ସମ୍ପର୍କର ସେତୁ: ଗୁରୁଜନ ଓ ଯୁବପିଢ଼ି



**ଅଖିଳ ତରାଇ**

ଆଜିର ସମାଜ ଏକ ଅଦ୍ଭୁତ ପରିବର୍ତ୍ତନର ସନ୍ଧିକ୍ଷଣରେ ଛିଡ଼ା ହୋଇଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ମଣିଷକୁ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ପହଞ୍ଚାଇ ସାରିଲାଣି। ହାତ ପାହାନ୍ତାରେ ସୂଚନାର ସମୁଦ୍ର। କିନ୍ତୁ ଏହି ସବୁ ସଫଳତା ମଧ୍ୟରେ ଗୋଟିଏ ପ୍ରଶ୍ନ ଆମକୁ ବାରମ୍ବାର ଆନ୍ଦୋଳିତ କରୁଛି - 'ଆମେ କ'ଣ ଆମର ସଂସ୍କାର ଓ ସାମାଜିକ ମୂଲ୍ୟବୋଧକୁ ହରାଇ ବସୁଛୁ ?' ବିଶେଷ କରି ଆଧୁନିକ ଯୁବପିଢ଼ି ଏବଂ ଗୁରୁଜନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଦୂରତା ଆଜି ଏକ ଗମ୍ଭୀର ଚିନ୍ତାର ବିଷୟ। ପରିବାରର ବରିଷ୍ଠ ସଦସ୍ୟ, ମାତା-ପିତା ଏବଂ ଗୁରୁଜନମାନେ ଯେଉଁମାନେ ଦିନେ ସମାଜର ମାର୍ଗଦର୍ଶକ ଥିଲେ, ଆଜି ସେମାନେ ନିଜ ଘର ମଧ୍ୟରେ ହିଁ ଅବହେଳିତ।

ଆଜିର ଯୁବପିଢ଼ି ନିଜକୁ ଅତ୍ୟନ୍ତ ପ୍ରଗତିଶୀଳ ଏବଂ ସ୍ୱାଧୀନ ବୋଲି ମନେ କରନ୍ତି। ସେମାନଙ୍କ ପାଇଁ ସୂଚନା ଶକ୍ତି ଏବଂ ସେମାନେ ଭାବନ୍ତି ଯେ ଇଣ୍ଟରନେଟ୍ ଓ ବହିରୁ ମିଳୁଥିବା ଜ୍ଞାନ ହିଁ ସର୍ବଶ୍ରେଷ୍ଠ। ଏହି ଅହଂକାର ମଧ୍ୟରେ ସେମାନେ ଗୁରୁଜନମାନଙ୍କୁ 'ପୁରୁଣା କାଳିଆ' ବା 'ଆଉଟଡେଟେଡ୍' ଆଖ୍ୟା ଦେଇଥାନ୍ତି। ଗୁରୁଜନମାନଙ୍କର କୌଣସି ଉପଦେଶ ବା ଆଦେଶ ସେମାନଙ୍କୁ ସ୍ୱାଧୀନତା ଉପରେ ହସ୍ତକ୍ଷେପ ପରି ମନେହୁଏ। ସେମାନେ ଭୁଲିଯାଆନ୍ତି ଯେ ସୂଚନା ଏବଂ ଅଭିଜ୍ଞତା ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ରହିଛି। ଜଣେ ବରିଷ୍ଠ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ ଯେଉଁ ପରିସ୍ଥିତି ଓ ଘାତ-ପ୍ରତିଘାତ ଦେଖିଛନ୍ତି, ତାହା କୌଣସି ବିଦ୍ୟାଳୟର ପାଠ୍ୟକ୍ରମରେ ପଢ଼ାଯାଏ ନାହିଁ।

ମାତାପିତା ଓ ଗୁରୁଜନମାନେ ହିଁ ଜଣେ ବ୍ୟକ୍ତିର ପ୍ରକୃତ ପଥପ୍ରଦର୍ଶକ। ଯେତେବେଳେ ଜୀବନର କଠିନ ମୋଡ଼ରେ ଦୁନିଆ ଆମକୁ ପଛକୁ ଠେଲିଦିଏ, ଯେତେବେଳେ ସଫଳତାର ସବୁ ବାଟ ବନ୍ଦ ହୋଇଯାଏ, ସେତେବେଳେ ଏହି ଅଭିଜ୍ଞ ବରିଷ୍ଠମାନଙ୍କ ସାହସ ଓ ପରାମର୍ଶ ହିଁ ଆମକୁ ଆଗକୁ ବଢ଼ିବାର ଶକ୍ତି ଯୋଗାଇଥାଏ। ସେମାନେ ଜୀବନର ଭଲ ଓ ମନ୍ଦର ପରୀକ୍ଷା ନିଜ ଅଭିଜ୍ଞତାରୁ ପାଇଛନ୍ତି। କିନ୍ତୁ ବିଷୟ ହେଉଛି ଆମେ ତାହା ମାନିବାକୁ ନାରାଜ। ଆଜିର ଯୁବଗୋଷ୍ଠୀ ଭାବନ୍ତି ଯେ ସେମାନେ ସବୁ ଜାଣିଛନ୍ତି, କିନ୍ତୁ ଜୀବନର ଜଟିଳତା ବୁଝିବା ବେଳକୁ ଅନେକ ସମୟରେ ବିଳମ୍ବ ହୋଇଯାଇଥାଏ।

ଆଜିକାଲିର ସମାଜରେ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ପାରିବାରିକ ବନ୍ଧନ ଶିଥିଳ ହେବାରେ ଲାଗିଛି। ନିଜର ଜୀବନସାଥୀ ବାଛିବା ନିଶ୍ଚିତ ଭାବେ ଏକ ବ୍ୟକ୍ତିଗତ ଅଧିକାର, କିନ୍ତୁ ଏହି ପ୍ରକ୍ରିୟାରେ ମାତାପିତାଙ୍କୁ ଅନ୍ଧାରରେ ରଖିବା କିମ୍ବା ସେମାନଙ୍କ ଅନୁମତି ବିନା ଏକ ନୂତନ ଜୀବନ ଆରମ୍ଭ କରିବା ଅନେକ ସମୟରେ ଦୁଃଖଦାୟକ ପରିସ୍ଥିତି ସୃଷ୍ଟି କରେ। ଯେଉଁ ମାତାପିତା ନିଜର ସମସ୍ତ ସୁଖ ଶାନ୍ତି ସନ୍ତାନ ପାଇଁ ତ୍ୟାଗ କରିଥାନ୍ତି, ସନ୍ତାନର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ସେମାନଙ୍କୁ ବାଦ୍ ଦେବା କ'ଣ ନ୍ୟାୟୋଚିତ ? ସ୍ୱାଧୀନତା ଏବଂ ସମ୍ମାନ ମଧ୍ୟରେ ଏକ ସନ୍ତୁଳନ ରହିବା ଜରୁରୀ। ଅନେକ କ୍ଷେତ୍ରରେ ମାତାପିତାଙ୍କ ଅଭିଜ୍ଞତା ଓ ପରାମର୍ଶ ହିଁ ଏକ ଦୀର୍ଘସ୍ଥାୟୀ ଓ ସୁଖୀ ଦାମ୍ପତ୍ୟ ଜୀବନର ମୂଳଦୁଆ ହୋଇଥାଏ।

ଭାରତୀୟ ସଂସ୍କୃତିର ମୂଳ ଭିତ୍ତି ହେଉଛି 'ପିତୃ ଦେବୋ ଭବ, ମାତୃ ଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ'। କିନ୍ତୁ ଅନ୍ଧ ଭାବରେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବା ଫଳରେ ଆମେ ଏକାକୀ ରହିବା ଶିଖିଗଲୁ, ହେଲେ ଏକାଠି ବଞ୍ଚିବା ଭୁଲିଗଲୁ। ପାଶ୍ଚାତ୍ୟ ଦେଶରେ ବୟସ୍କମାନଙ୍କୁ ଓଲ୍ଡ ଏଜ୍ ହୋମ୍ ?ରେ ରଖିବା ଏକ ସାଧାରଣ କଥା ହୋଇଥାଇପାରେ, କିନ୍ତୁ ଭାରତୀୟ ପରମ୍ପରାରେ ଗୁରୁଜନମାନେ ଘରର ବଟବୃକ୍ଷ। ସେମାନଙ୍କ ଛାୟାରେ ହିଁ ପରିବାର ସୁରକ୍ଷିତ ରହେ। ଯୁବପିଢ଼ି ଯେତେବେଳେ ସେମାନଙ୍କୁ ହେୟ ମନେ କରନ୍ତି, ସେତେବେଳେ କେବଳ ପରିବାର ନୁହେଁ, ସାରା ସମାଜର ମୂଳଦୁଆ ଦୋହଲିଯାଏ।

ଯେତେବେଳେ ଜଣେ ବ୍ୟକ୍ତି ନିଜର ଗୁରୁଜନଙ୍କୁ ସମ୍ମାନ ଦିଏ ନାହିଁ, ସେ ନିଜ ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ଏକ ଖରାପ ଉଦାହରଣ ସୃଷ୍ଟି କରେ। ଆଜି ଯେଉଁ ସନ୍ତାନ ନିଜ ବାପା-ମା'ଙ୍କୁ ପୁରୁଣା କାଳିଆ କହି ଅବହେଳା କରୁଛି, କାଲି ତା'ର ସନ୍ତାନ ମଧ୍ୟ ତା' ସହିତ ସମାନ ବ୍ୟବହାର କରିବ। ଏହା ଏକ ଚକ୍ର ପରି ବୁଲିଥାଏ। ଏଥିସହିତ ଗୁରୁଜନଙ୍କ ଅଭିଜ୍ଞତାକୁ ଗ୍ରହଣ ନ କରିବା ଫଳରେ ଯୁବପିଢ଼ି ମାନସିକ ଅବସାଦ ଓ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ଶିକାର ହେଉଛନ୍ତି। ଏକାକୀତ୍ୱ ଆଜିର ଯୁବସମାଜକୁ ଘାରି ରହିଛି, ଯାହାର ସମାଧାନ କେବଳ ଗୁରୁଜନଙ୍କ ସ୍ନେହ ଓ ମାର୍ଗଦର୍ଶନରେ ରହିଛି।

ଏହା ସତ୍ୟ ଯେ ଆଜିର ଯୁବପିଢ଼ି ଅଧିକ ସ୍ୱପ୍ନ ଦେଖନ୍ତି ଏବଂ ସେମାନଙ୍କର ଆକାଂକ୍ଷା ବହୁତ। କିନ୍ତୁ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ପାଦ ତଳର ମାଟି ଶକ୍ତ ହେବା ଦରକାର। ଗୁରୁଜନମାନଙ୍କ ସମ୍ମାନ କେବଳ ଏକ ଔପଚାରିକତା ନୁହେଁ, ଏହା ଏକ ଶକ୍ତି। ସେମାନଙ୍କୁ ସମୟ ଦେବା, ସେମାନଙ୍କ ସହ କଥା ହେବା ଏବଂ ସେମାନଙ୍କ ମତାମତକୁ ଗୁରୁତ୍ୱ ଦେବା ଦ୍ୱାରା ପରିବାର ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି ପାଏ। ଯୁବପିଢ଼ିକୁ ବୁଝିବାକୁ ହେବ ଯେ ସେମାନେ ଆଜି ଯେଉଁ ଉଚ୍ଚତାକୁ ଦେଖୁଛନ୍ତି, ତାହା ପଛରେ କୌଣସି ଜଣେ ଗୁରୁଜନଙ୍କ ଅଦୃଶ୍ୟ ଆଶୀର୍ବାଦ ଓ ତ୍ୟାଗ ନିଶ୍ଚୟ ରହିଛି।

ସଭ୍ୟତା ଆଗକୁ ବଢ଼ିବ, ସମାଜ ବଦଳିବ, କିନ୍ତୁ ମାନବିକତା ଓ ସମ୍ମାନର ଭାଷା କେବେ ବଦଳିବ ନାହିଁ। ଯୁବପିଢ଼ି ହେଉଛନ୍ତି ସମାଜର ଭବିଷ୍ୟତ ଏବଂ ଗୁରୁଜନ ହେଉଛନ୍ତି ଆମର ଇତିହାସ ଓ ପରିଚୟ। ଇତିହାସକୁ ସମ୍ମାନ ନ ଦେଲେ ଭବିଷ୍ୟତ କେବେବି ଉଜ୍ଜ୍ୱଳ ହୋଇପାରିବ ନାହିଁ। ଆଜି ସମୟ ଆସିଛି ଆମେ ଆମର ଗୁରୁଜନମାନଙ୍କୁ ସେମାନଙ୍କ ପ୍ରାପ୍ୟ ସମ୍ମାନ ଦେବା, ସେମାନଙ୍କ ଅଭିଜ୍ଞତାକୁ ଜୀବନର ପାଥେୟ କରିବା ଏବଂ ଏକ ସଂସ୍କାର ସମ୍ପନ୍ନ ସମାଜ ଗଠନ କରିବା। ମନେରଖିବାକୁ ହେବ - 'ଯେଉଁ ଗଛର ଚେର ଯେତେ ଗଭୀର, ତାହା ସେତେ ଅଧିକ ଝଡ଼ ସହ୍ୟ କରିବାର ଶକ୍ତି ରଖେ।' ଆମର ଗୁରୁଜନମାନେ ହିଁ ସେହି ଚେର।

+ଗଞ୍ଜାମ,
ମୋ: ୭୭୮୭୦୦୧୦୦୧




## ଆକାଶର ପ୍ରେମ

**ଡିସମ୍ବର ମେହେର**

ରାତି ପାହିଗଲେ
ସ୍ୱପ୍ନ ସବୁ ସରିଯାଏ
ରଖି ଯାଏ
କିଛି ଅବଶୋଷ
କିଛି ସ୍ମୃତି
କିଛି ଆଶା, ଅଭିଳାଷା
ସାଉଁଟି ସାଉଁଟି ପିଇଯାଏ
ଆଖିର ଲୁହ ।।

ଦେଖ ପଶ୍ଚିମା ଦିଗବଳୟକୁ
ମେଘ ଭିତରେ ଲାଲ ଛିଟା
ହତାଶ ପ୍ରେମିକା ପରି
ଅନେଇ ବସିଛି ,
ସୁରୁଜ ନଇଁ ଆସୁଛି
ଅନ୍ଧାର ଘୋଟି ଚାଲିଛି
ଝୁରି ହେଉଛି ଫୁଲେଇ ଆକାଶ ।।

ପରିବର୍ତ୍ତନ ଦୁନିଆଁ ପରି
ମନ ବଦଳାଇ ଦିଏ
ଆକାଶରେ ଜହ୍ନକୁ ଦେଖି
ମନ ଭୁଲେଇ ଦିଏ
ବିଛେଇ ଦିଏ,ସଜେଇ ହୋଇ
ଟିକି ଟିକି ତାରା ଫୁଲେ ।।
ବିଶ୍ୱାସ ରଖିଛି
ମନ ଦେଇଛି, ହୃଦୟ ସାଇତି
ଜହ୍ନ ଆଲୁଅରେ ସେ ରୂପବତୀ ହେବ
ଫଗୁଣରେ ହୋଲି ଖେଳିବ
ଗାଇବ ପ୍ରେମ ଗୀତ ବସନ୍ତ ସୁରେ
ଅନେଇ ବସିଛି, ହସ ହସ ଓଠରେ ।
ପୁଣି ରାତି ପାହିଗଲେ
ଦୂରେଇ ଯାଏ
ହୃଦୟରୁ ମତେ ମିଟେଇ ଦିଏ
ଲିନ ହୋଇଯାଏ
ଅଦୃଶ୍ୟ ଆତ୍ମା ପରି,
ଦୋ ଛକିରେ ପଡି
ଟଳମଳ ହୋଇ ଭାଙ୍ଗିପଡେ
ଏ ଭଙ୍ଗା ଆକାଶ ।।

+ଗଣ୍ଡାବାହାଲି ନୂଆପଡା

## କଲମ ଧାରେ

**ଦୀପିକା ହୋତା**



ପଦିଏ ପଦିଏ ଶବ୍ଦ ମିଶି
ହୁଏ କେତେ ବାକ୍ୟର ଧାର
ପଦିଏ ପଦିଏ ମିଠା କଥାରେ
ପାଟିରୁ ଝରେ ଅମୃତ ଝର ।।
ଲେଖନି ମୁନରେ ଲେଖିଯିବା
ଆମ ଦେଶ ଜାତି ଇତିହାସ
ବୀର ସୈନିକ ସାଜି ରଖିବା
ମାତୃଭୂମିର ଉଚ୍ଚ ଅଭିଳାଷ ।।
ମାତୃଭୂମିକୁ ପ୍ରାଣ ଦେଇ ଆମେ
ଭଲ କାମ କରିବା ଜୀବନ ଦେଇ
ଲେଖନିରେ ଲେଖି ଯିବା ଚିରଦିନ
ବିଜୟ ସଂଗୀତ ଗାଇ ଗାଇ ।।
ଖଣ୍ଡାପରି ଧାରୁଆ ନହେଲେ ବି
ଶକତି ରହିଛି କେତେ ଯେ ତାର
କବି ଲେଖିଥିଲେ କଲମ ଧାରେ
ଜାଗି ଉଠିଥିଲେ ସନ୍ତାନ ଭାରତର ।।
ଆସ ଲେଖିଯିବା କେତେ ଯେ ପଂକ୍ତି
ସଜେଇ କିଛି ସଚେତନ ବାର୍ତ୍ତା ଭରି
ପ୍ରକୃତି ପାହାଡ଼ ଝରଣା କୋଳେ
ସବୁଠି ବୁଣିବା ଖୁସିର ଲହରି ।।
କଳା ଅକ୍ଷରେ ଧଳା କାଗଜେ
ଲେଖିଯିବା କେତେ ନାନା କଥା
ସୁନ୍ଦର ଲେଖିଲେ ଅମର ରହିବ
ଯୁଗେ ଯୁଗେ ଉଡିବ ବାରତା ।।
ସୁନ୍ଦର ଅକ୍ଷରେ ଯତନେ ସଜେଇ
କଲମେ ଆଙ୍କିବା ଚିତ୍ର ବିଚିତ୍ର
ଛବି ଭିତରେ ଜୀବନ ସଞ୍ଚାରି
ମାନ ରଖିବା ଅମୂଲ୍ୟ କଲମର ।।

+ନୂଆପଡା
ମୋ-୯୯୩୭୪୧୬୯୧୭




# ଜାଣନ୍ତୁ ପିତ୍ତାଶୟରେ ପଥର ହେବାର ଲକ୍ଷଣ, କାରଣ, ଚିକିତ୍ସା

ପିତ୍ତାଶୟ ପଥର ବା ଗଲ୍‌ଷ୍ଟୋନ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା, ଯାହା ପିତ୍ତାଶୟରେ କଠିନ ଜମାଟ ଦ୍ରବ୍ୟ ହିସାବରେ ଗଠିତ ହୁଏ । ଏହା ପ୍ରାୟତଃ କୋଲେଷ୍ଟରଲ, ବିଲିରୁବିନ ବା କ୍ୟାଲସିୟମ ଲବଣରୁ ତିଆରି ହୁଏ। ଏହା ଆକାରରେ ବାଲି କଣାଠାରୁ ଆରମ୍ଭ କରି ଗଲ୍ଫ ବଲ୍ ପର୍ଯ୍ୟନ୍ତ ହୋଇପାରେ। ଏହି ସମସ୍ୟା ୫୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ଅଧିକ ଦେଖାଯାଏ, ବିଶେଷକରି ମହିଳାଙ୍କଠାରେ।

ଆଜିକାଲି ଏହା ଏକ ସାଧାରଣ ସମସ୍ୟା ପାଲଟିଛି। କେତେକ ସମୟରେ ଏଗୁଡ଼ିକ ଛୋଟ ପଥର ହୋଇଥାଏ ଏବଂ କୌଣସି ଲକ୍ଷଣ ବିନା ରହିଥାଏ, କିନ୍ତୁ ଯେତେବେଳେ ଏହା ବଡ଼ ହୋଇଯାଏ କିମ୍ବା ଗତି କରେ ଏବଂ ଅବରୋଧ ସୃଷ୍ଟି କରେ, ସେତେବେଳେ ପ୍ରବଳ ଯନ୍ତ୍ରଣା, ବାନ୍ତି, ଗ୍ୟାସ କିମ୍ବା ଜ୍ୱର ଭଳି ସମସ୍ୟା ଆରମ୍ଭ ହୁଏ। ଏପରି ପରିସ୍ଥିତିରେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏହାକୁ ଅପରେସନ ବିନା ଭଲ କରାଯାଇପାରିବ କି ଅସ୍ତ୍ରୋପଚାର ଶେଷ ଉପାୟ।

ଲକ୍ଷଣ: ଅନେକ କ୍ଷେତ୍ରରେ ପିତ୍ତାଶୟ ପଥର କୌଣସି ଲକ୍ଷଣ ଦେଖାଏ ନାହିଁ, ଯାହାକୁ "ସାଇଲେଣ୍ଟ ଷ୍ଟୋନ" କୁହାଯାଏ। କିନ୍ତୁ ଯଦି ପଥର ପିତ୍ତ ନଳୀରେ ଅବରୋଧ ସୃଷ୍ଟି କରେ, ତେବେ ନିମ୍ନଲିଖିତ ଲକ୍ଷଣ ଦେଖାଦେଇପାରେ:

-ଉପର ଡାହାଣ ପେଟରେ ତୀବ୍ର କିମ୍ବା ନିରନ୍ତର ଯନ୍ତ୍ରଣା (ବିଲିଆରୀ କୋଲିକ)
-ବାନ୍ତି ଓ ଅଜଣା ଅନୁଭବ
-ପେଟ ଫମ୍ପୁରା ଓ ଗ୍ୟାସ ସମସ୍ୟା
-ଜଣ୍ଡିସ (ଚର୍ମ ଓ ଆଖିରେ ହଳଦିଆ ରଙ୍ଗ)
-ଜ୍ୱର, ଥଣ୍ଡା ଲାଗିବା ବା ଦ୍ରୁତ ହୃତ୍ସ୍ପନ୍ଦନ

ପିତ୍ତ ପଥର ପଛରେ କାରଣ:

ପିତ୍ତ ପଥର ପଛରେ ଅନେକ କାରଣ ଥାଇପାରେ। ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ କୋଲେଷ୍ଟ୍ରରଲ ଅତ୍ୟଧିକ ହେବା। ଯେଉଁ ଲୋକମାନଙ୍କର ଖାଦ୍ୟ ବହୁତ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଥାଏ କିମ୍ବା ଯେଉଁମାନେ ଦୀର୍ଘ ସମୟ ଧରି ଭୋକିଲା ରୁହନ୍ତି, ସେମାନଙ୍କ ପାଖରେ ଏହି ରୋଗର ଆଶଙ୍କା ଅଧିକ ଥାଏ। ସ୍ଥୂଳତା, ମଧୁମେହ, ଚର୍ବି ଯକୃତ, ଦ୍ରୁତ ଓଜନ ହ୍ରାସ, ଦୀର୍ଘକାଳୀନ ଗର୍ଭନିରୋଧକ ବଟିକା ବ୍ୟବହାର ଏବଂ ଗର୍ଭାବସ୍ଥା ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ ମଧ୍ୟ ଏହି ରୋଗର ବିପଦକୁ ବୃଦ୍ଧି କରେ।

ଚିକିତ୍ସା: ଲକ୍ଷଣବିହୀନ ପଥର ପାଇଁ ସାଧାରଣତଃ ଚିକିତ୍ସାର ଆବଶ୍ୟକତା ନଥାଏ। କିନ୍ତୁ ଯଦି ଯନ୍ତ୍ରଣା ବା ଜଟିଳତା ଦେଖାଦିଏ, ତେବେ ନିମ୍ନଲିଖିତ ଚିକିତ୍ସା ବିକଳ୍ପ ଉପଲବ୍ଧ: ଅସ୍ତ୍ରୋପଚାର (କୋଲେସିଷ୍ଟେକ୍ଟୋମୀ): ପିତ୍ତାଶୟ ଅପସାରଣ ହେଉଛି ସବୁଠାରୁ ସାଧାରଣ ଓ ପ୍ରଭାବଶାଳୀ ଚିକିତ୍ସା। ଲାପାରୋସ୍କୋପିକ କୋଲେସିଷ୍ଟେକ୍ଟୋମୀ (କୀହୋଲ ସର୍ଜରୀ) ସାଧାରଣତଃ କରାଯାଏ, ଯାହା ୬୦-୯୦ ମିନିଟ ସମୟ ନେଇଥାଏ ଏବଂ ରୋଗୀ ସାଧାରଣତଃ ଦିନେ ମଧ୍ୟରେ ଘରକୁ ଫେରିପାରନ୍ତି। ପିତ୍ତାଶୟ ଅପସାରଣ ପରେ ବିଲେ ସିଧାସଳଖ ଯକୃତରୁ କ୍ଷୁଦ୍ରାନ୍ତ୍ରକୁ ଯାଇଥାଏ, ଯାହା ସାଧାରଣତଃ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ।

ନିର୍ଣ୍ଣୟ: ପିତ୍ତାଶୟ ପଥର ନିର୍ଣ୍ଣୟ ପାଇଁ ନିମ୍ନଲିଖିତ ପରୀକ୍ଷା କରାଯାଏ:

-ଆଲଟ୍ରାସାଉଣ୍ଡ: ଏହା ସବୁଠାରୁ ସାଧାରଣ ଓ ନିରାପଦ ପଦ୍ଧତି।
-CT ସ୍କାନ, MRI, MRCP ବା EUS: ଛୋଟ ପଥର ବା ନଳୀରେ ଅବରୋଧ ଚିହ୍ନଟ କରିବା ପାଇଁ।
-ରକ୍ତ ପରୀକ୍ଷା: ସଂକ୍ରମଣ, ଜଣ୍ଡିସ ବା ପାଙ୍କ୍ରିଆଟାଇଟିସ ଚିହ୍ନଟ କରିବା ପାଇଁ।

ପ୍ରତିରୋଧ: ପିତ୍ତାଶୟ ପଥର ରୋକିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ:

ସ୍ୱାସ୍ଥ୍ୟକର ଖାଦ୍ୟ: ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ, ଚର୍ବିଯୁକ୍ତ ଓ ପ୍ରୋସେସ୍ଡ ଫୁଡ୍‌କୁ ଏଡ଼ାନ୍ତୁ।

ଓଜନ ନିୟନ୍ତ୍ରଣ: ଦ୍ରୁତ ଓଜନ ହ୍ରାସ ଏଡ଼ାନ୍ତୁ, ଧୀରେ ଧୀରେ ଓଜନ କମାନ୍ତୁ।

ନିୟମିତ ଶାରୀରିକ କାର୍ଯ୍ୟକଳାପ: ଏହା ପିତ୍ତାଶୟର ସଠିକ କାର୍ଯ୍ୟକୁ ସହାୟକ ହୁଏ।

ପର୍ଯ୍ୟାପ୍ତ ଜଳ ପାନ: ଦିନକୁ ୬-୮ ଗ୍ଲାସ ଜଳ ପିଅନ୍ତୁ।

ଜଟିଳତା:

ଚିକିତ୍ସା ନକଲେ ପିତ୍ତାଶୟ ପଥର ନିମ୍ନଲିଖିତ ଜଟିଳତା ସୃଷ୍ଟି କରିପାରେ:

କୋଲେସିଷ୍ଟାଇଟିସ: ପିତ୍ତାଶୟରେ ପ୍ରଦାହ।

ପାଙ୍କ୍ରିଆଟାଇଟିସ: ପିତ୍ତ ନଳୀ ଅବରୋଧ ହେଲେ ଅଗ୍ନାଶୟରେ ପ୍ରଦାହ।

ଜଣ୍ଡିସ: ବିଲେ ପ୍ରବାହ ଅଟକିବା ଯୋଗୁଁ ଚର୍ମ ଓ ଆଖି ହଳଦିଆ ହେବା।

ପିତ୍ତାଶୟ କର୍କଟ: ବିରଳ ହେଲେ ମଧ୍ୟ ଏକ ଜଟିଳତା।

ଯଦି ଆପଣ ପେଟରେ ତୀବ୍ର ଯନ୍ତ୍ରଣା, ଜଣ୍ଡିସ ବା ଜ୍ୱର ଅନୁଭବ କରୁଛନ୍ତି, ତୁରନ୍ତ ଜଣେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ବା ସର୍ଜନଙ୍କୁ ପରାମର୍ଶ କରନ୍ତୁ। ସଠିକ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ପିତ୍ତାଶୟ ପଥରର ଜଟିଳତାକୁ ଏଡ଼ାଯାଇପାରିବ।

# ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା

ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା। କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।



# କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

## ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...



■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ।

# ସବୁଜ ଚା' ନା ନିମ୍ବ ପତ୍ର କେଉଁଟି ଭଲ କେଶ ପାଇଁ ?

**ଦୀର୍ଘ ଓ ଘନ କେଶ କାହାକୁ ବା ପସନ୍ଦ ନୁହେଁ ? ଉଭୟ ପୁରୁଷ ଓ ମହିଳାଙ୍କୁ ଘନ କେଶ ପସନ୍ଦ। ହେଲେ ଉତ୍ତମ କେଶ ମନକୁ ମନ ହୋଇଯାଏନି। ସେଥିପାଇଁ ଆମକୁ କିଛି ଘରୋଇ ଉପଚାର କରିବାକୁ ପଡ଼ିଥାଏ। ଆଜିକାଲି ଲୋକ ଅନେକ ଘରୋଇ ଉପଚାର ଆପଣଉଛନ୍ତି ମଧ୍ୟ।**

କେଶକୁ ବଢ଼ାଇବା ପାଇଁ ଲୋକ ସବୁଜ ଚା' ଓ ନିମ୍ବ ପତ୍ରକୁ ପ୍ରୟୋଗ କରିଥାନ୍ତି। ମାତ୍ର ଏହି ଦୁଇଟି ପତ୍ର ମଧ୍ୟରୁ କେଉଁଠି ଆପଣଙ୍କ କେଶ ପାଇଁ ଅଧିକ ଲାଭକାରୀ ଜାଣନ୍ତି କି ? ଏହି କଥା ଅଧିକାଂଶ ଲୋକ ଜାଣନ୍ତି ନାହିଁ। ଚାଲନ୍ତୁ ଜାଣିବା ଉତ୍ତମ କେଶ ପାଇଁ କାହାର ପ୍ରୟୋଗ କରିବା ଉଚିତ।

ସବୁଜ ଚା' ପତ୍ର ଏ ଦୃଷ୍ଟିରୁ ବହୁତ ଭଲ। ସବୁଜ ଚା' ପିଇବା ଯେପରି ଭଲ ତାହାକୁ ବାଟିକି ମୁଣ୍ଡରେ ଲେପ ଦେବା ବି ଭଲ ହୋଇଥାଏ। ନିମ୍ବ ପତ୍ରକୁ ବି ଲେପ କରି କେଶରେ ଲଗାଇବା ଭଲ। ଏହି ନିମ୍ବ ପତ୍ର କେଶରୁ ଉକୁଣି ସମସ୍ୟା ବି ଦୂର କରିଥାଏ।

ସବୁଜ ଚା' ଓ ନିମ୍ବ ପତ୍ରର ସ୍ପ୍ରେ ବି ସପ୍ତାହକୁ ଥରେ ଦୁଇ ଥର କରିବା ଭଲ। ସବୁଜ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କେଶର ବୃଦ୍ଧି ପାଇଁ ଖୁବ୍ ଭଲ କାମ କରେ।

ସେହିପରି ନିମ୍ବରେ ରହିଛି ଆଣ୍ଟି ବାକ୍ଟେରିୟାଲ୍ ଏବଂ ଆଣ୍ଟି ଫଙ୍ଗଲ ଗୁଣ। ଯାହାକି କେଶକୁ ରୂପି ସମସ୍ୟାରୁ ରକ୍ଷା କରେ।





# ଚା', କଫି ଛାଡ଼ନ୍ତୁ: ସୁସ୍ଥ ରହିବାକୁ ଚାହୁଁଥିଲେ ପଇଡ଼ ପାଣି ପିଅନ୍ତୁ

ଉଭୟ ଖାଇବା ଓ ପିଇବା ମଣିଷ ଶରୀର ପାଇଁ ଜରୁରୀ। ଉପଯୁକ୍ତ ଖାଦ୍ୟ ଓ ପାନୀୟର ଅଭାବ ହେଲେ ଶରୀରରେ ବିଭିନ୍ନ ପ୍ରକାରର ରୋଗ ହୁଏ।

ଆମେ ଭାରତୀୟ ଲୋକମାନେ ଚା ଓ କଫି ପିଇବାକୁ ଖୁବ୍ ଭଲପାଆନ୍ତି। ହେଲେ ଏହି ସବୁ ପାନୀୟରେ କ୍ୟାଫିନ ଥିବା ହେତୁ ଏହା ଶରୀର ପାଇଁ ଉପଯୁକ୍ତ ହୋଇନଥାଏ।

ତେଣୁ ସବୁଠାରୁ ଭଲ ପାନୀୟ ଭାବେ ଆମେ ପଇଡ଼ ପାଣିକୁ ନେଇପରିବା। ପଇଡ଼ ପିଇବା ଦ୍ୱାରା ଶରୀରର ନାନା ରୋଗ ଭଲ ହୋଇଯାଏ।

ଏଥିରେ ରହିଛି ଭିଟାମିନ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଏବଂ ବିଭିନ୍ନ ପ୍ରକାରର ମିନେରାଲ୍ସ। ଯାହାକି ଶରୀର ପାଇଁ ଖୁବ୍ ଭଲ।

ପଇଡ଼ ପିଇବା ଦ୍ୱାରା ଗ୍ୟାଷ୍ଟ୍ରିକ, ହଜମ ସମସ୍ୟା ଆଦି ଦୂର ହୋଇଥାଏ। ପେଟରେ ଥିବା ସଂକ୍ରମଣ ବି ପଇଡ଼ ପିଇବା ଦ୍ୱାରା ଭଲ ହୋଇଯାଏ।

ଜଣ୍ଡିସ, ରକ୍ତଚାପ ରୋଗୀ, ଗର୍ଭବତୀ ମହିଳା ଆଦି ପଇଡ଼ ପିଇବା ଖୁବ୍ ଭଲ।

ପଇଡ଼ ମନ ଇଚ୍ଛା ପାଇପାରିବେ ନାହିଁ। ଦିନକୁ ୨ ଥର ପଇଡ଼ ପିଇବା ଉଚିତ। ଥରେ ପିଇଲେ ବି ଚଳିବ। ନିଜକୁ ଫିଟ୍ ରଖିବାକୁ ଅତି କମରେ ସପ୍ତାହକୁ ଥରେ ପଇଡ଼ ପିଅନ୍ତୁ।



# ସକାଳେ ଖାଲି ପେଟରେ ହଳଦୀ ପାଣି ପିଇଲେ ମିଳିଥାଏ ଅନେକ ଲାଭ

ସକାଳେ ଖାଲି ପେଟରେ ଖାଉଥିବା କିମ୍ବା ପିଉଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କିପରି ହେବ ତାହା ନିର୍ଣ୍ଣୟ କରେ। ଯଦି ଆପଣ ଖାଲି ପେଟରେ ସୁସ୍ଥ ଖାଦ୍ୟ ଖାଆନ୍ତି, ତେବେ ଆପଣ ସାରା ଦିନ ଆକ୍ଟିଭ୍ ରହିବେ। ଯଦି ଜଙ୍କଫୁଡ୍ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆପଣ ଦିନଚର୍ଯ୍ୟା ଆରମ୍ଭ କରନ୍ତି, ତେବେ ତୁରନ୍ତ ରୋଗ ମାଡ଼ିଆସିବ। ଏପରି ସ୍ଥିତିରେ ଖାଲି ପେଟରେ ହଳଦୀ ପାଣି ପିଇବା ବହୁତ ଲାଭଦାୟକ ହୋଇଥାଏ। ହଳଦୀ ହେଉଛି ଭାରତୀୟ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ କିନ୍ତୁ ବହୁତ ଶକ୍ତିଶାଳୀ ମସଲା। ଏଥିରେ ଥିବା କରକ୍ୟୁମିନ ଏକ ଆଣ୍ଟିଅକ୍ସିଡାଣ୍ଟ, ପ୍ରଦାହ-ରୋଧକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ବୋଲି ବିବେଚନା କରାଯାଏ। ବିଶେଷକରି ଯେତେବେଳେ ହଳଦୀକୁ ସକାଳେ ଖାଲି ପେଟରେ ଉଷୁମ ପାଣି ସହିତ ପିଇଥାନ୍ତି ଏହାର ଲାଭ ଆହୁରି ବଢ଼ିଯାଏ। ଆୟୁର୍ବେଦ ଏବଂ ବିଜ୍ଞାନ ଉଭୟ କୁହନ୍ତି ଯେ, ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ। ଆୟୁର୍ବେଦ ବିଭାଗର ମୁଖ୍ୟ ଡାକ୍ତର ଏହାର ଉପାଦେୟ ବିଷୟରେ କହିଛନ୍ତି।

## ଗରଦପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା, ୨୪/୨ (ନି.ପ୍ର): ଗରଦପୁର ବ୍ଲକଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥି ମଧ୍ୟରୁ ୬୮ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୨୫୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୮ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ପଞ୍ଜିକୃତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ଅତିରିକ୍ତଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଅତିରିକ୍ତ ଜିଲ୍ଲାପାଳ, ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡିକର ସମୀକ୍ଷା କରିଥିଲେ ।ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ,ଅତିରିକ୍ତ-ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୟର ମହାନ୍ତି,ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର(ଜମି ଅଧିଗ୍ରହଣ), ଗରଦପୁର ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଗୌରୀପ୍ରଭା'ର ତୃତୀୟ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ ଓ ପ୍ରତିଭା ସମ୍ମାନ ପ୍ରଦାନ

ଭଦ୍ରକ, ୨୪/୨ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନଠାରେ ବାର୍ଷିକ ସାହିତ୍ୟ ପତ୍ରିକା 'ଗୌରୀପ୍ରଭା'ର ତୃତୀୟ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । 'ପ୍ରେମପୃଥିବୀ'ର ପ୍ରତିଷ୍ଠାତା ସଂପାଦକ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ଡ଼କ୍ଟର ଅବନୀ ପ୍ରଧାନ ସମ୍ମାନୀତ ଅତିଥି, ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ କବି ଉମାକାନ୍ତ ରାଉତ ବରଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଓଡିଆ କବିତା ସମଗ୍ର ଭାରତବର୍ଷରେ ଅନ୍ୟ ପ୍ରାଦେଶିକ କବିତାମାନଙ୍କ ତୁଳନାରେ ବହୁ ଉର୍ଦ୍ଧ୍ୱରେ ବୋଲି ବିଶିଷ୍ଟ ବକ୍ତାମାନେ ସ୍ପଷ୍ଟ ମତ ପୋଷଣ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କୁ 'ଗୌରୀପ୍ରଭା ସାରସ୍ୱତ ସମ୍ମାନ-୨୦୨୬' ସ୍ୱରୂପ ଉତରୀୟ, ମାନପତ୍ର, ସମ୍ମାନ ଫଳକ ସହ ପାଂଚ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି କବି ଇନ୍ଦିରା ଦାଶଙ୍କୁ 'ଗୌରୀପ୍ରଭା କବିତା ସମ୍ମାନ', ଗାଳ୍ପିକ ଅମରେଶ ବିଶ୍ୱାଳଙ୍କୁ 'ଗୌରୀପ୍ରଭା ଗଳ୍ପ ସମ୍ମାନ' ଏବଂ କବି ଜୟଦ୍ରଥ ସୁନାଙ୍କୁ 'ଗୌରୀପ୍ରଭା ଯୁବ ପ୍ରତିଭା ସମ୍ମାନ' ସ୍ୱରୂପ ଉତରୀୟ, ମାନପତ୍ର, ସମ୍ମାନ ଫଳକ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। କବି କିଶୋର ପାଣିଗ୍ରାହୀଙ୍କ ଦ୍ୱାରା ସଂଚାଳିତ ଏହି ଉତ୍ସବରେ ପତ୍ରିକାର ସହ-ସଂପାଦକ କବି ସୁରଞ୍ଜନ ପାତ୍ର ପ୍ରାମ୍ଭିକ ସୂଚନା ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଯୁବ କବି ବିଶ୍ୱନାଥ କିଙ୍କର ରାଉତ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି କବି ପତିତପାବନ ପାଣିଙ୍କ ସଂପାଦନାରେ 'ଗୌରୀପ୍ରଭା' ତିନିବର୍ଷ ହେବ ଏକ ଅନନ୍ୟ ସାହିତ୍ୟ ପତ୍ରିକା ଭାବେ ପ୍ରକାଶିତ ହୋଇଆସୁଛି। ମଧ୍ୟାହ୍ନ ଭୋଜନ ବିରତି ପରେ ଦ୍ୱିତୀୟ ଅଧିବେଶନ, କବିତା ପାଠୋତ୍ସବରେ ଡ଼କ୍ଟର ଝରଣା ପଟ୍ଟନାୟକ ସଭାପତି, କବି ସଂଜିତ ବଳ ମୁଖ୍ୟ ଅତିଥି ଭାବେ ମଂଚ ମଣ୍ଡନ କରିଥିଲେ। ଆକାଶବାଣୀ ସମ୍ବଲପୁରର ସଂଯୋଜିକା ମିତା ପଟନାୟକ ଓ କବି ପ୍ରତିଭା ଖିଲାରଙ୍କ ସଂଯୋଜନାରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଯୁବ ପିଢିର ନିମନ୍ତ୍ରିତ କବିମାନେ ସ୍ୱରଚିତ କବିତା ଆବୃତିରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସମସ୍ତ କବିଙ୍କୁ ସମ୍ମାନ ଫଳକ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜେଡି ବନ୍ଧୁମିଳନ ସଫଳତା ପାଇଁ କୃତଜ୍ଞତା ଜ୍ଞାପନ

ଭୁବନ, ୨୪/୨ (ନି.ପ୍ର):ଭୁବନ ବିଜୁ ଜନତା ଦଳ ତରଫରୁ ରବିବାର କଣପାଳ ଠାରେ ବନ୍ଧୁମିଳନ ଓ ନବ ନିଯୁକ୍ତ କାର୍ଯ୍ୟକର୍ତାଙ୍କୁ ସମ୍ବର୍ଦ୍ଧନା ପର୍ବ ସମ୍ପୂର୍ଣ ସଫଳ ହୋଇଛି । ଜିଲ୍ଲା ବିଜେଡ଼ି ସଭାପତି ଡ଼ା ନୃସିଂହ ଚରଣ ସାହୁ ଓ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ( ଡୁଗୁ) ଏଥି ସକାଶେ ଭୁବନ ବିଜେଡି ଟିମ୍ କୁ ଅଭିନନ୍ଦନ ଜଣାଇଛନ୍ତି । ଅନୁରୂପ ଭାବେ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଓ ଭୁବନ ନଗର ବିଜେଡି ସଭାପତି ତଥା କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ,ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତା ବିଶେଷ କରି ବିନୋଦ କୁମାର ବେହେରା, ରାକେଶ ଆଏଚ୍, ସୁଶାନ୍ତ ପୃଷ୍ଟି,ମୁରଲୀ ମୋହନ ମାହୁନ୍ତ , ସୌରଭ ରାଉତ, ସିଲୁ ନାୟକ, ଲିଙ୍ଗରାଜ ସାହୁ, ପିଟୁନୁ ପାତ୍ର, ଜଗବନ୍ଧୁ ସାହୁ , ସୁଶାନ୍ତ ବାରିକ୍ , ସିପୂନା ଦାସ, ସାଗର ସାହୁ, ଦେବାଶିଷ ସାହୁ , ବୁବୁନା ସେଠୀ, ଗଣେଶ୍ୱର ବିହାରୀ, ନାରାୟଣ ନାୟକ , ରାକେଶ ପୃଷ୍ଟି, ବଳରାମ ସାହୁ, ସୁବ୍ରତ ବାରିକ୍, ପ୍ରିତମ ବେହେରା, ଜୟନ୍ତ ପ୍ରଧାନ, କୁଞ୍ଜବନ ବେହେରା, ରାକେଶ ସାହୁ, ଧନେଶ୍ୱର ସାହୁ,ଭରତ ମଲ୍ଲିକ, ତ୍ରିଲୋଚନ ସାହୁ,ଶୁଭକାନ୍ତ ବର୍ଦ୍ଧନ, ଦିଲ୍ଲୀପ କୁମାର ରାଉତ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ କାର୍ଯ୍ୟକ୍ରମ ସଫଳ ହୋଇଥିବା ବର୍ଣ୍ଣନା କରିବା ସହ ଉପରୋକ୍ତ କାର୍ଯ୍ୟକର୍ତା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସମ୍ବଲପୁରରେ ସର୍ସତିଆ ଦିନ୍ ପାଳିତ

ସମ୍ବଲପୁର, ୨୪/୨ (ନି.ପ୍ର): ଆଜି ଦ୍ୱିତୀୟ ବର୍ଷ ପାଇଁ ସମ୍ବଲପୁର ସାମ୍ବାଦିକ ଭବନ ପରିସରରେ 'ସର୍ସତିଆ ଦିନ୍' ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓରମାସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସଞ୍ଜୟ ମହାପାତ୍ର, ସମାଜସେବୀ ଡ. ପ୍ରମୋଦ ରଥ, ସମ୍ବଲପୁରୀ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଫଣୀନ୍ଦ୍ର ପଣ୍ଡା, ସଞ୍ଜିବ ପ୍ରସାଦ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲଳିତ ମୋହନ ବେବର୍ତା ସଭାପତିତ୍ୱ କରିଥିଲେ। ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା ଓ ରେଖା ଗୁପ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଚାରପ୍ରସାରରେ ସହଯୋଗ କରିଥିବା ଇନ୍ଫ୍ଲୁଏନ୍ସର ଓ ୟୁ-ଟ୍ୟୁବ୍ ମେକର୍ ସୌରଭ ବ୍ଲଗ୍ସ, ରାହୁଲ ମେହେର ବ୍ଲଗ୍ସ, କୃପାଭାଇ ବ୍ଲଗ୍ସ, ଡାଇନ୍ ୱିଥ୍ ବନ୍ଦନା, ସମ୍ବଲପୁରିଆ-ଆମେ, ସ୍ୱନ୍ଦନ ବେହେରା, ଓଏସ୍ଏମ୍-ହିମୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ସତିଆକୁ ନେଇ ଏକ ବୁକ୍ଲେଟ୍ 'ସର୍ସତିଆ ଦିନ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅତିଥି ଶ୍ରୀ ହୋତା ସର୍ସତିଆ ପାଇଁ ଜିଆଇ ଟ୍ୟାଗ୍ ସକାଶେ ପ୍ରକ୍ରିୟା ଜାରି ରହିଥିବା ସୂଚନା ଦେଇଥିଲେ। ଅତିଥିମାନେ ସମ୍ବଲପୁରର ପ୍ରସିଦ୍ଧ ମିଷ୍ଟାନ୍ନ ସର୍ସତିଆ ବିଷୟରେ କହିବାସହ ଏହାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଚାର ପ୍ରସାର ପାଇଁ ମତବ୍ୟକ୍ତ କରିଥିଲେ। ପ୍ରଭୁଲାଲ ଗୁପ୍ତାଙ୍କ ପରିବାରର ଲୋକବନ୍ଧୁ ଗୁପ୍ତା, ବବଲି ଗୁପ୍ତା, ଗୌରହରି ଗୁପ୍ତା ଉପସ୍ଥିତ ଥିଲେ। ହିମାଂଶୁ ଶେଖର ସାହୁ, ରାଜେଶ ସ୍ୱାଇଁ, ପ୍ରେମ ସାହାଣୀ, ଅମିତ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଜାମିନୀ ଠାକୁର, ଭୂମିସୁତା ମେହେର, ଲଳିତା ଭୋଇ, କାନ୍ତି ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାହୁଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଜୟପୁର, ୨୪/୨ (ନି.ପ୍ର): କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡା. ସୁଦର୍ଶନ ଗୌଡ଼ଙ୍କ ସଭାପତିତ୍ୱରେ ଯାଦବ ଭବନ ଠାରେ ଆୟୋଜିତ ଏହି ବୈଠକରେ ସଂପାଦକ କବିରାଜ ପରମେଶ୍ୱର ପାତ୍ର ବିବରଣୀ ପାଠ କରିଥିଲେ । ପ୍ରସ୍ତାବିତ ସମ୍ମିଳନୀକୁ ମାର୍ଚ୍ଚ ଶେଷ ସପ୍ତାହ ରବିବାର ଦିନ କରାଯିବା ନେଇ ସ୍ଥିର ହୋଇଥିଲା । ଏଥିରେ ଆୟୁର୍ବେଦର ପ୍ରସାର ସହ ଚିକିତ୍ସକ, ବୈଦ୍ୟ, ଦିଶାରୀ ଏବଂ ଆୟୁର୍ବେଦପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ନିଷ୍ପତି ହୋଇଥିଲା । ଜୟପୁର ଟାଉନ୍ ହଲ୍ ରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ବୈଠକ ହେବାକୁ ପ୍ରସ୍ତାବ ଆସିଥିଲା । ରାଜ୍ୟ ସରକାର ବଜେଟ୍ରେ ତିନୋଟି ଆୟୁର୍ବେଦ ମହାବିଦ୍ୟାଳୟ ଖୋଲିବା ଘୋଷଣାକୁ ଘୋଷଣା କରିଥିବାରୁ ଆଇନ ଉପଦେଷ୍ଟା ରାଜେନ୍ଦ୍ର କୁମାର ଗୌଡ଼ ଏହାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ସରକାରଙ୍କ ଏହି ଆଭିମୁଖ୍ୟ କିଭଳି ଅଧିକ ଲୋକଙ୍କ ସେବାରେ ଆସିବ ସେନେଇ ପରିଷଦ କାର୍ଯ୍ୟ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ ଉପସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା ମଂଚାସୀନ ରହିଥିବା ବେଳେ ସହ ସଂପାଦକ ବୈଦ୍ୟ ସତ୍ୟନାରାୟଣ ପରିଛା, ଉପଦେଷ୍ଟା ବୈଦ୍ୟ ଜବାହାରଲାଲ ଜେନା, କାଳୀ ଚରଣ ମହାରଣା, ଲିଲୁ ପାତ୍ର, ହିମାଂଶୁ ପାଣିଗ୍ରାହୀ, ଶିବ କେଶବ ଦାସ, ଚନ୍ଦ୍ରକାନ୍ତ ସୂତାର, ହେମନ୍ତ ପାଣିଗ୍ରାହୀ ପ୍ରମୁଖ ଭାଗ ନେଇଥିଲେ ।

## ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ଯୁବ ଚେହେରା ଅମିତ ମଲ୍ଲିକ

ଭଦ୍ରକ, ୨୪/୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ସ୍ଥିତ ଶ୍ରୀ ଅରବିନ୍ଦ ପାଠ ଚକ୍ର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଷୋଡ଼ଶ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠାନର ଟ୍ରଷ୍ଟି ମଧୁମିତା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ୭ ଘଟିକାରେ ପାଠଚକ୍ର,୮ଟା ୩୦ ମିନିଟରେ ମାତୃ ପତାକା ଉତୋଳନ ପରେ ଶୁଭଲକ୍ଷ୍ମୀ ନାଥଙ୍କ ଦ୍ୱାରା ଧ୍ୟାନ ଓ ପ୍ରାର୍ଥନା ପୁସ୍ତକ ପଠନ,ରାକ୍ଷୀ ସାମଲଙ୍କ ଦ୍ୱାରା ଦୁର୍ଗା ସ୍ତୋତ୍ର ପାଠ,ସୁଶ୍ରୀ ତପସ୍ୟା ରାଉତଙ୍କ ଦ୍ୱାରା ସାବିତ୍ରୀ ପଠନ,ସୁଶ୍ରୀ ଆରାଧ୍ୟା ନାୟକଙ୍କ ଚିରନ୍ତନି ପଠନ ଅନୁଷ୍ଠିତ ହୋଇଥିଲା । ସକାଳ ୯ ଘଟିକାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚ୍ୟ ବିଷୟ ଥିଲା ଚେତନାର ଯାତ୍ରା,ଦିବ୍ୟ ଜନନୀଙ୍କ ଧରାବତରଣ ଏବଂ ଦିବ୍ୟ ଚେତନାର ନାରୀ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଆଲୋଚକ ମାତ୍ର ସାଧକ ଅଶୋକ କୁମାର ସାହୁ,ମାତୃ ସାଧୁକା ଉର୍ମିଳା ରାଉତ ଏବଂ ବିଦ୍ୟୁତଲତା ନାୟକ ପାଠଚକ୍ରକୁ ସଂଚାଳନା କରିଥିଲେ ଅନୁଷ୍ଠାନର ଅଧକ୍ଷ ନୃସିଂହ ଚରଣ ନାୟକ। ଦ୍ୱିତୀୟ ସୋପାନରେ ଅନୁଷ୍ଠାନର ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର ଏବଂ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ପ୍ରେଫେସର ଡ. ବାସନ୍ତୀ ରଉତ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ.ଦତାତ୍ରେୟ ଦାଶ। ସମ୍ମାନିତ ବକ୍ତା ଭାବେ 'ସକାଳ' ଓ ନନ୍ଦିଘୋଷ ଟିଭିର ପ୍ରକାଶକ ଅମିତ କୁମାର ମଲ୍ଲିକ,ବରିଷ୍ଠ ସମିତି ସଭ୍ୟ ବିଦ୍ୟାଧର ରାଉତ,ଶିକ୍ଷାବିତ ଅଲେଖ ଚନ୍ଦ୍ର ନାୟକ,ପର୍ଶୁରାମ ପଣ୍ଡା ଓ ହେମନ୍ତ କୁମାର ସୁତାର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବ ଅବସରରେ ପ୍ରଫେସର ଡ. ଗୋଲକ ବିହାରୀ ସାହୁ ଏବଂ ପ୍ରଫେସର ପବିତ୍ର ପାଣିଗ୍ରାହୀଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉକି ୨୦୨୯ ନିର୍ବାଚନକୁ ଆଖିଆଗରେ ରଖି ଧାମନଗର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ଯୋଗ୍ୟ ସନ୍ତାନ ସାନ ପୁଅ ବିଜେଡି ନେତା ଦୈନିକ ଖବରକାଗଜ 'ସକାଳ'ର ପ୍ରକାଶକ ଅମିତ କୁମାର ମଲ୍ଲିକ ଧାମନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦାତବ୍ୟ ଚିକିତ୍ସାଳୟ ପାଇଁ ହେଲା ଭୂମି ପୂଜନ: ବର୍ଷକ ଭିତରେ ସରିବ କାମ, ମିଳିବ ସଂପୂର୍ଣ୍ଣ ମାଗଣା ଚିକିତ୍ସା

କେନ୍ଦ୍ରାପଡ଼ା, ୨୪/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧିନ ଦାନପୁର ପଂଚାୟତ ର ରଜାଙ୍ଗ ଠାରେ ବହୁ ପ୍ରତିକ୍ଷିତ ସାଇ ଆରୋଗ୍ୟ ସୁପର ସ୍ପେଶିଆଲିଟି ଦାତବ୍ୟ ଚିକିତ୍ସାଳୟର ଭୂମି ପୂଜନ ଆଜି ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଓ ଶ୍ରୀ ଶ୍ରୀ ଭଗବାନ ସତ୍ୟସାଇ ସେବା ସଂସ୍ଥାର ମୁଖ୍ୟ ସ୍ୱାମୀ ମଧୁସୂଦନ ସାଇ, ଜିଲ୍ଲାପାଳ ଆର ରଘୁରାମ ଆୟାର, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖଙ୍କ କରକମଳ ରେ ଏହି ଦାତବ୍ୟ ଚିକିତ୍ସାଳୟ ର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ସେବା ସଂସ୍ଥାର ମୁଖ୍ୟ ସ୍ୱାମୀ ମଧୁସୂଦନ ସାଇ ଜନ ସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହି ଚିକିତ୍ସାଳୟ ୧ ବର୍ଷ ଭିତରେ ସଂପୂର୍ଣ୍ଣ କରାଯିବ। ଏଠାରେ ସମସ୍ତ ଉନ୍ନତ ଧରଣର ଚିକିତ୍ସା, ଅପରେଶନ ସଂପୂର୍ଣ୍ଣ ମାଗଣାରେ ବିଶେଷଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା କରାଯିବାର ନିଷ୍ପତି ନିଆଯାଇଛି। ଏଠାରେ କୌଣସି କ୍ୟାସ କାଉଂଟର ରହିବ ନାହିଁ, କିମ୍ବା କୌଣସି ପ୍ରକାର ଟଙ୍କା ପାଇସାର ଲେଣ ଦେଣ କାରବାର କରାଯିବ ନାହିଁ। ଯେକୌଣସି ଧର୍ମ, ବର୍ଣ୍ଣ, ଜାତି ଓ ଧନୀ ଗରିବ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଚିକିତ୍ସା ଉପଲବ୍ଧ ହେବ। ଏହି ହସପିଟାଲ ନିର୍ମାଣ ଦାୟିତ୍ୱରେ ସତ୍ୟସାଇ ସେବା ସଂସ୍ଥାର ଭରତ କୁମାର ଜୀ ସାଇ, ଶୁଭଜିତ ରାୟ ମୁଖାର୍ଜୀ ଓ କୃଷ୍ଣ ମୋହନ ଜୀ ସାଇ ପ୍ରମୁଖ ଦାୟିତ୍ୱରେ ଅଛନ୍ତି ବୋଲି ଘୋଷଣା କରା ଯାଇଥିଲା। ଏ ଅବସରରେ ସାଂସଦ ଶ୍ରୀ ପଣ୍ଡା, ଜିଲ୍ଲାର ବିକାଶ ଉପରେ ଆଲୋକପାତ କରିବା ସହ ଚିକିତ୍ସାଳୟ ପାଇଁ ଜାଗା ଯୋଗାଇ ଦେଇ ଥିବାରୁ ପ୍ରଶାସନ କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଡ଼ଃ ନାୟକ ବକ୍ତବ୍ୟ ରଖିଥିବାବେଳେ ବରିଷ୍ଠ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, କଳ୍ପନା ମଲିକ, ତେଜେସ୍ୱର ପରିଡା, ଉମାକାନ୍ତ ପଟ୍ଟନୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରାଓ ବିକ୍ରମ ରାଉତରାୟ ପ୍ରମୁଖ ମଂଚାସୀନ ଥିଲେ। ବରିଷ୍ଠ ବିଜେପି ନେତା ସଂଜୟ କୁମାର ରଥ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ବହୁ ବିଜେପି ନେତା, ନେତ୍ରୀଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନ ସାଧାରଣ, ମହିଳା ଯୋଗ ଦେଇଥିଲେ।

## ସୁନାବେଡ଼ା ଗ୍ରାମ ପଂଚାୟତରେ ବିଶେଷ ସିଭିକ୍ ଆକ୍ସନ୍ କ୍ୟାମ୍ପ

ନୂଆପଡ଼ା, ୨୪/୨ (ନି.ପ୍ର): ନୂଆପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ନିର୍ଦ୍ଦେଶମତେ, କୋମନା ଥାନା ଅନ୍ତର୍ଗତ ସୁନାବେଡା ଗ୍ରାମ ପଂଚାୟତର କୋଟ୍ରାବେଡା ଗ୍ରାମରେ ଆଇଆଇସି, କୋମନାଙ୍କ ପରିଚାଳନାରେ ଏକ ବିଶେଷ ସିଭିକ୍ ଆକ୍ସନ୍ କ୍ୟାମ୍ପ ଆଜି ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ସୁନାବେଡା ଗ୍ରାମ ପଂଚାୟତର ସରପଂଚ ଓ ନାଏବ ସରପଂଚ, ପିଏଚ୍ସି ସୁନାବେଡାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କୋଟ୍ରାବେଡା, ସାଲେପଡା ଓ ଚିନମୁଣ୍ଡି ଗ୍ରାମର ପ୍ରାୟ ୨୦୦ ଜଣ ଗ୍ରାମବାସୀ ଏହି କ୍ୟାମ୍ପରେ ଯୋଗଦେଇଥିଲେ। ଏହି ଅବସରରେ ପୋଲିସ୍ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଖୋଲା ଆଲୋଚନା କରି ପୋଲିସ୍–ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ କରିବା ଓ ପରସ୍ପରିକ ଆସ୍ଥା ବୃଦ୍ଧି କରିବା ବିଷୟରେ ମତବିନିମୟ କରିଥିଲେ।କ୍ୟାମ୍ପରେ ସାଇବର ଅପରାଧ ପ୍ରତିରୋଧ, ସୁରକ୍ଷିତ ଶ୍ରମିକ ପ୍ରବାସ ଗମନ ଓ ପରିବହନ, ବାଲ୍ୟ ବିବାହ ନିରୋଧ, ସଡକ ସୁରକ୍ଷା ଓ ଦୁର୍ଘଟଣା ପ୍ରତିରୋଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ନୂତନ ଭାବେ ଲାଗୁ ହୋଇଥିବା ଅପରାଧିକ ଆଇନର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି ଅବସରରେ ଏକ ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇ ରୋଗୀମାନଙ୍କୁ ଔଷଧ ବଂଟନ କରାଯାଇଥିଲା। ଏଥିସହିତ ଗ୍ରାମବାସୀମାନଙ୍କୁ କମ୍ବଳ, ସାଢ଼ି, ଲୁଙ୍ଗି, ଗାମୁଛା, ଟି-ଶର୍ଟ, ମଶାଦାନୀ, କ୍ରୀଡ଼ା ସାମଗ୍ରୀ(ନେଟ୍ ବଲ୍ ଓ କ୍ରିକେଟ୍ କିଟ୍) ଓ ସଙ୍ଗୀତ ଉପକରଣ ବଣ୍ଟନ କରାଯାଇଥିଲା। ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ବିଶେଷକରି ଭୁଞ୍ଜିଆ ଜନଜାତି ସମୁଦାୟର ସଦସ୍ୟମାନେ ଉତ୍ସାହପୂର୍ଣ୍ଣ ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପ୍ରତି ସନ୍ତୋଷ ଓ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ବିଶେଷ ସିଭିକ୍ ଆକ୍ସନ୍ କ୍ୟାମ୍ପ ଦୁରନ୍ତ ଆଦିବାସୀ ଅଂଚଳରେ ସମାବେଶୀ ଉନ୍ନୟନ, ସାମାଜିକ କଲ୍ୟାଣ ଓ ସମୁଦାୟମୁଖୀ ପୋଲିସିଂ ପ୍ରତି ନୂଆପଡା ଜିଲ୍ଲା ପୋଲିସ୍ର ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

## ୨୦୨୭ ମସିହା ଜନଗଣନା ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା

ଗଞ୍ଜାମ, ୨୪/୨ (ନି.ପ୍ର): ୨୦୨୭ ମସିହା ଜନଗଣନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ତଥା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଆଜି ଆରମ୍ଭ ହୋଇଛି । ଅପ୍ରେଲ ମାସ ପ୍ରଥମ ଦୁଇ ସପ୍ତାହ ଜନଗଣନା ଅଧିକାରୀମାନେ (ଆନିମେଟର ଓ ସୁପରଭାଇଜର) ଜିଲ୍ଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ସଠିକ ବିବରଣୀ ଜନସାଧାରଣଙ୍କୁ ପଚାରି ନିର୍ଭୁଲ ଭାବରେ ଲିପିବଦ୍ଧ କରିବେ । ଦେଶର ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ନିର୍ଭୁଲ ତଥ୍ୟ ଜନଗଣନା ଅଧିକାରୀମାନଙ୍କୁ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଜନଗଣନା କାର୍ଯ୍ୟକୁ ପ୍ରଥମ ଥର ପାଇଁ ଡିଜିଟାଲ ପ୍ରକ୍ରିୟାରେ କରାଯାଉଥିବାରୁ ସେନସସ୍ ପୋର୍ଟାଲରେ କିପରି ତଥ୍ୟ ଅପଲୋଡ୍ କରିପାରିବେ ତାହା ଉପରେ ଡି.ପି.ଏ. ସନ୍ତୋଷ କୁମାର ଆଚାର୍ଯ୍ୟ ଏବଂ ସହକାରୀ ନିର୍ଦ୍ଦେଶକ ସୁଜିତ୍ କୁମାର ପ୍ରଧାନ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ବୈଷୟିକ ସହାୟକଙ୍କର ଏଥିରେ ମୁଖ୍ୟ ଭୂମିକା ରହିଛି ଏବଂ ଶତକଡା ୯୦ ଭାଗ କାମ ଚାର୍ଜ ଅଫିସରଙ୍କର ରହିଛି ବୋଲି ସେମାନେ କହିଥିଲେ । କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ । ଆଗାମୀ ଜନଗଣନାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶୀଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ।

## ରେଙ୍ଗାଲି ଓ ସରଲାର ସଜାଗ ରେଳବାଇ କର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୨୪/୨ (ନି.ପ୍ର): ସମ୍ବଲପୁର ରେଳ ଡିଭିଜନ ଦୁଇ ଜଣ କର୍ମଚାରୀ ପୁରସ୍କୃତ ହୋଇଛନ୍ତି। ସରଲା ରେଳ ଷ୍ଟେସନ ର ଟେକନିସିଆନ-ସି ଓ ଡବ୍ଲୁ ଦୟାନିଧି ବାଗ ଏବଂ ରେଙ୍ଗାଲି ଷ୍ଟେସନ ର ଟ୍ରାକମ୍ୟାନ (୨) ଙ୍କୁ ନିରାପତା ଓ ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳଚଳ ପ୍ରତି କର୍ତବ୍ୟନିଷ୍ଠା ଏବଂ ନିରାପତା ଓ ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ସେମାନଙ୍କର କର୍ତବ୍ୟ ପ୍ରତି ନିଷ୍ଠା ର ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି ଓ ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସିନିୟର ଡିଭିଜନାଲ ଇଞ୍ଜିନିୟର (ସମନ୍ୱୟ), ପ୍ରଭାତ ସିଂହ, ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର, ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତା ଓ ଅଧିକାରୀ, ସମ୍ନିତ ସୌରଭ ନାୟକ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଲଟିଲା ହାଇୱା ଏବଂ କାର୍, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

କେନ୍ଦ୍ରାପଡ଼ା, ୨୪/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଂଚାୟତର କଂସାରଗଡ଼ା ନିକଟରେ ଏକ କାର୍ ଭାରସାମ୍ୟ ହରାଇ କେନାଲ ଭିତରକୁ ଓଲଟି ଯାଇଥିଲା। କାର୍ ଭିତରେ ବସିଥିବା ଡ୍ରାଇଭର ଓ ଅନ୍ୟ ଲୋକମାନଙ୍କୁ ସ୍ଥାନୀୟ ଲୋକେ କାର୍ କବାଟ ତାଡ଼ି ବାହାର କରିଥିଲେ। ତେବେ ଏଥିରେ କାହାର ବିଶେଷ କ୍ଷତି ହୋଇନାହିଁ। ସେହିପରି କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଏକ ୧୨ ଚକିଆ ହାଇୱା ବାଲିନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ବଡ଼ ଚାଖୁଣ୍ଡା ଗଛରେ ବାଡ଼େଇ ହୋଇ ରାସ୍ତା କଡ଼ରେ ଓଲଟି ଯାଇଥିଲା। ଡ୍ରାଇଭର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ କରୁଥିବା ଜଣାପଡ଼ିଛି।

## କିର୍ମିରାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡା, ୨୪/୨ (ନି.ପ୍ର): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଂଚାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଯୋଗଦେଇ ଲୋକଙ୍କ ଆପତି ଓ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ସମସ୍ୟା ରହିଥିଲା। ଶିବିର ଅବସରରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ବାନ୍ଧପାଲି ଗ୍ରାମର ଆରଏଡି ୨୦୨୪-୨୫ ଯୋଜନାରେ ହିତାଧିକାରୀ ଉଚିତ ପ୍ରାପ୍ୟ ପାଇନଥିବା ଏବଂ ୨୦୨୪ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ମିଳିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ସେହିଭଳି କିର୍ମିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଦାନ ଅର୍ଥର ବିନିଯୋଗରେ ହୋଇଥିବା ଅନିୟମିତତା ଏବଂ ବାଲାଜୀ କମ୍ପାନୀ ଦ୍ୱାରା ଶ୍ରମିକମାନଙ୍କୁ ପ୍ରାପ୍ୟ ପାରିଶ୍ରମିକ ନ ଦେବା ଭଳି ଗମ୍ଭୀର ବିଷୟ ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଧୂବେନବୁଡି ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଅସ୍ଥାୟୀ ବାଡ ଦେଇ ବେଆଇନ ଘର ନିର୍ମାଣ ଏବଂ କିର୍ମିରା ଶିବ ମନ୍ଦିରରେ ବିଦ୍ୟୁତ ସଂଯୋଗ ଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଶାସନ ତରଫରୁ ଶୁଣାଣି କରାଯାଇଅଛି। ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିର ଜରିଆରେ ସାଧାରଣ ଜନତା ସେମାନଙ୍କର ସମସ୍ୟାଗୁଡ଼ିକୁ ସିଧାସଳଖ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ।

# ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୪/୨ (ନି.ପ୍ର): ବାଲେଶ୍ୱର ସ୍ଥିତ ଜ୍ୱିଲ୍ଲା ଅଡିଟୋରିଓମ ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ବାଲେଶ୍ୱର ମିଳିତ ସହଯୋଗ ରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସଂପର୍କିତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହିତ ଏସଂପର୍କରେ ସୂଚନା ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ଶୂନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ବନାଗ୍ନି, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ପାଇଁ ଜ୍ୱିଲ୍ଲା ବନ୍ୟ ଅଧିକାରୀଙ୍କୁ ଜ୍ୱିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜ୍ୱିଲ୍ଲାର ସମସ୍ତ ସ୍କୁଲ ଗୁଡିକରେ ଜଳ ବିରତି ପାଇଁ ଜଳ ଘଣ୍ଟି ର ବ୍ୟବସ୍ଥା କରିବାପାଇଁ ଜ୍ୱିଲ୍ଲାପାଳ ଜ୍ୱିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଠା ଜଳ ସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଜଳ ଉଠେଇବା ଏବଂ ଜଳର ସୁପରିଚାଳନା ପାଇଁ ଜ୍ୱିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ସହ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ ଜିଲାପାଳ ଗ୍ରାମ ଞ୍ଚଳରେ ପାନୀୟଜଳ ସମ୍ପର୍କିତ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ କରିବା, ଯେଉଁଠି ନଳରୂପର ବ୍ୟବସ୍ଥା ହୋଇପାରୁନାହିଁ ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଭଳି ପଞ୍ଚାୟତ, ଏନ୍ ?ଏସି ପୌର ପରିଷଦ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜନଗହଳି ଅଞ୍ଚଳରେ ଜଳଛତ୍ର ଖୋଲିବା, ପିଏଚସି ,ସିଏଚସି ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରି ବ୍ୟବସ୍ଥା, ଯଥେଷ୍ଟ ପରିମାଣରେ ଓଆ ?ଏସ୍ ଏବଂ ଆବଶ୍ୟକ ଔଷଧ ମହଜୁଦ ରକ୍ଷା ପାଇଁ ଜ୍ୱିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ, କୁହାଯାଇଥିଲା। ଶ୍ରମିକମାନେ ଯେପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରାରେ କାର୍ଯ୍ୟ ନ କରନ୍ତି ତାହା ଦେଖିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଧାନଦେବାକୁ ଟିପିଏନଓଡିଏଲ୍ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଗ୍ରୀଷ୍ମପ୍ରବାହ ସମୟରେ ହେଉଥିବା କାଳବୈଶାଖୀ ର ମୁକାବିଲା ନିମନ୍ତେ ସତର୍କ ରହିବ ପାଇଁ ଜ୍ୱିଲ୍ଲାପାଳ ଏନ.ଡି.ଆର.ଏଫ ଓ ଓ.ଡ୍ରା.ଫ ବାହିନୀକୁ ଜ୍ୱିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମପ୍ରବାହ ଏବଂ କାଳବୈଶାଖୀର ସଠିକ ତଥ୍ୟ ଗୁଡିକର ଆଦାନ ପ୍ରଦାନ ନିମନ୍ତେ ନିମନ୍ତେ ସତର୍କ ଆପ ର ବ୍ୟବହାର କରିବା ଲାଗି ଜ୍ୱିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ। ଜନସାଧାରଣମାନଙ୍କର ଗ୍ରୀଷ୍ମ ପ୍ରବାହ ସମ୍ବଧୀୟ ଅଭିଯୋଗ ଗୁଡିକର ଶୁଣାଣି ନିମନ୍ତେ ଜ୍ୱିଲ୍ଲା ଜରୁରୀ କାଳୀନ ନିୟନ୍ତ୍ରଣ କକ୍ଷର ଟୋଲ ଫ୍ରି ନମ୍ବର (୧୦୭୭) ଓ ବ୍ଲକ ନିୟନ୍ତ୍ରଣ କକ୍ଷର ଜରୁରୀ କାଳୀନ ନମ୍ବର ଗୁଡିକର ଡିସ୍ପ୍ଲେ କରିବା ପାଇଁ ଜ୍ୱିଲ୍ଲାପାଳ ସମସ୍ତ ବିଭଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଶ୍ରୀ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ(ସାଧାରଣ) ଶ୍ରୀ ସୁଧାକର ନାୟକ ଉପ ଜ୍ୱିଲ୍ଲାପାଳ, ନୀଳଗିରି, ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଜ୍ୱିଲ୍ଲା ପରିଷଦ, ବାଲେଶ୍ୱର, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ ,ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ଓ ଜ୍ୱିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏବଂ ପରିଶେଷରେ ଜ୍ୱିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମନବମୀ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ, ୨୪/୨ (ନି.ପ୍ର): ପବିତ୍ର ରାମନବମୀକୁ ଦୃଷ୍ଟିରେ ରଖି ବେତନଟୀର ଜୟଶ୍ରୀରାମ ସେନା ପକ୍ଷରୁ ସ୍ଥାନୀୟ ଜୟଶ୍ରୀରାମ ଛକରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀରାମସେନାର ପ୍ରତିଷ୍ଠାତା ସଭାପତି ଯୁବଆଇନଜୀବୀ ସନ୍ଦୀପ କୁମାର ମିଶ୍ର(କାର୍ତ୍ତିକ)ଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ୨୦୨୬ ଶ୍ରୀରାମନବମୀ ଉତ୍ସବ ପାଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ ଶ୍ରୀରାମନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରିବାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ କଳାକୃତିର ଝଲକ ପରିଦର୍ଶନ ଉପରେ ସ୍ୱତନ୍ତ୍ର ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ପ୍ରତ୍ୟେକବର୍ଷ ଜୟଶ୍ରୀରାମସେନା ପକ୍ଷରୁ ପାଳନ କରାଯାଉଥିବା ଶ୍ରୀରାମନବମୀ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଏବଂ ଅଞ୍ଚଳବାସୀଙ୍କ ସମାଗମ ହେଉଥ?ବା ବେଳେ ଚଳିତବର୍ଷ ୫ହଜାର ଲୋକଙ୍କର ସମାଗମ ହେବାନେଇ ଆକଳନ କରାଯାଇଛି ଓ ବିଶାଳ ଶୋଭାଯାତ୍ରା ପରେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଶୋଭାଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ଠାରୁ ଆରମ୍ଭକରି ଟ୍ରଫିକ ସମସ୍ୟା ଯେଭଳି ବାବରେ ନଉପୁଜେ ସେନେଇ ସ୍ୱତନ୍ତ୍ର ଭାବରେ ଦୃଷ୍ଟିଦେବା ଉପରେ ଆଲୋଚନା ହୋଇଥିଲା। ସାମଗ୍ରିକ ଭାବରେ ଜୟଶ୍ରୀରାମସେନା ପକ୍ଷରୁ ପାଳନ କରାଯିବାକୁ ଥିବା ପବିତ୍ର ଶ୍ରୀରାମ ନବମୀ ଉତ୍ସବକୁ ସଫଳ କରିବାକୁ ପ୍ରସ୍ତୁ ତିବୈଠକରେ ଉପସ୍ଥିତ ଆୟୋଜକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ପରାମର୍ଶ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମୀକ୍ଷା ପୂର୍ବକ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା । ଏହି ଅବସରରେ ଆୟୋଜକ ଜୟଶ୍ରୀରାସେନାର ଉପ ସଭାପତି ଦିଲ୍ଲୀପ ମିଶ୍ର, ସମ୍ପାଦକ ସୌମ୍ୟଶଙ୍କର ଆଚାର୍ଯ୍ୟ, ଉପଦେଷ୍ଟା ସଞ୍ଜୀବ ପଣ୍ଡା, ମନୋଜ ନାୟକ, ନୟନ ଦାସ, ସହ ସମ୍ପାଦକ ତୁଷାରେନ୍ଦୁ ସିଂହ, ଅଞ୍ଜନ ଦାସ, କୋଷାଧକ୍ଷ ଅନିନ୍ଦ୍ୟ ପ୍ରତିହାରୀଙ୍କ ସମେତ ସଞ୍ଜୀବ ପରିଡା, ଚନ୍ଦ୍ରଶେଖର ମହାପାତ୍ର, ଆଇନଜୀବୀ ରଣଜିତ ଗନ୍ତାୟତ, ଅନୁପ ଦଣ୍ଡପାଟ, ପରେଶ ମହାନ୍ତ, ସତ୍ୟବ୍ରତ ମିଶ୍ର, କେଶବ ନାଥ, ଲକ୍ଷ୍ମୀଧର ବିନ୍ଧାଣୀ, ମୋତିଲାଲ ମହାନ୍ତ, ଦିବ୍ୟପ୍ରକାଶ ଗିରି, ସପନ ବେହେରା, ବିକାଶ ମହାନ୍ତ, ସାଇଜଗନ୍ନାଥ ମହାପାତ୍ର, ଶମ୍ଭୁନାଥ ପଣ୍ଡା, ଅଜିତ ଜେନା, ଯୋଗଶ୍ୱର ମହାନ୍ତ, ଭରତ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଦେବବ୍ରତ ପରିଡାଙ୍କୁ ବେତନଟୀ ବାର ଏସୋସିଏସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ବେତନଟୀ, ୨୪/୨ (ନି.ପ୍ର): ଓଡିଶା ରାଜ୍ୟସରକାରଙ୍କର ଆଇନ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଅଦାଲତ ମାନଙ୍କରେ ସରକାରୀ ଆଇନଜୀବୀ ମାନଙ୍କୁ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର( ସରକାରୀ ଆଇନଜିବୀ) ଭାବେ ବେତନଟୀ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡାଙ୍କୁ ନିଯୁକ୍ତି ମିଳିଥିବାରୁ ମଙ୍ଗଳବାର ବାରଏସୋସିଏସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଜେଏମଏଫସି କୋର୍ଟପରିସରସ୍ଥ ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ବାର ଏସୋସିଏସନ ପକ୍ଷରୁ ଉପାୟନ, ପୁଷ୍ପଗୁଚ୍ଛ ଦେଇ ଆଇନଜୀବୀ ଶ୍ରୀଯୁକ୍ତପରିଡାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବାରଏସୋସିଏସନ ପକ୍ଷରୁ ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ପ୍ରବୀର କୁମମାର ବାରିକ, ରଣଜିତ ଗନ୍ତାୟତ, ମନୋଜ ଦଳେଇ, ପୂର୍ବତନ ବାରଏସୋସିଏସନ ସଭାପତି ଲମ୍ବୋଦର ମହାନ୍ତ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ।

## ଫକୀର ମୋହନ ଆଲୁମିନିର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୪/୨ (ନି.ପ୍ର): ଫକୀର ମୋହନ ଆଲୁମିନି ସଭା ଗୃହରେ ସଭାପତି ଡାକ୍ତର ପ୍ରଭାତ ଚୌଧୁରୀଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଯାଇଅଛି। ଆଲୁମିନିର ଉପସଭାପତି ଅନ ସୂୟା ନାୟକ,ଅନିଲ କୁମାର ପଟ୍ଟନାୟକ ସେମାନଙ୍କର ବକ୍ତବ୍ୟ ରଖିଥିଲେ ଓ କର୍ମକର୍ତ୍ତା ଲକ୍ଷ୍ମୀ ନାରାୟଣ ଘୋଷ,ଅମୃତାଂଶୁ ପଟ୍ଟନାୟକ,ପୀତାମ୍ବର ଦାସ,ଶ୍ୟାମ ସୁନ୍ଦର ଜେନା,ଡା ସୁଧାଂଶୁ ପରିଡ଼ା,ପ୍ରଶାନ୍ତ ପାଢ଼ୀ,ସୁଧାଂଶୁ ଭୂୟାଁ,କଲ୍ୟାଣୀ ନନ୍ଦ ଇତ୍ୟାଦି ଉପସ୍ଥିତ ଥିଲେ। ଆସନ୍ତା ଏପ୍ରିଲ ଶେଷ ସପ୍ତାହରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସିଦ୍ଧାନ୍ତ ହେଲା। ତା ପୂର୍ବରୁ ଏକ ହେଲଥ କ୍ୟାମ୍ପ ମାର୍ଚ୍ଚ ୯ ତାରିଖରେ ଫକୀର ମୋହନ କଲେଜ ପରିସରରେ ହେବ ଓ ପ୍ରତ୍ୟେକସଭ୍ୟ ସଭ୍ୟାମାନେ ଦ୍ୱିତୀୟ ସପ୍ତାହରେ ଗୋପାଳପୁର ରେ ଏକ ବଣଭୋଜି ଯୋଗ ଦେବେ। ବାର୍ଷିକ ଉତ୍ସବରେ କଲେଜର କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବ ଓ ସନ୍ଧ୍ୟାରେ ଏକ ମନୋରମ ନାଟକ ମଞ୍ଚସ୍ଥ ହେବ ବୋଲି ସଭାପତି ଡାକ୍ତର ପ୍ରଭାତ କୁମାର ଚୌଧୁରୀ ଜଣାଇ ଅଛନ୍ତି।

# ରାତି ପାହିଲେ ପୁଅର ଷଠୀଘର: ପୁଅକୁ କ୍ଷୀର ଖୁଆଉ ଖୁଆଉ ଚାଲିଗଲା ମା'ର ଜୀବନ

ଜଳେଶ୍ୱର, ୨୪/୨ (ନି.ପ୍ର): ଜଳେଶ୍ୱର ବ୍ଲକ କଲ୍ୟାଣପୁର ଗ୍ରାମରେ ଆଜି ସନ୍ଧ୍ୟାରେ ଏକ ଅଘଟଣ ଘଟିଛି।ରାତି ପାହିଲେ ବର୍ଷକର ପୁଅର ଷଠୀଘର। ଏଥିପାଇଁ ଘରେ ଟେଣ୍ଟ ମରା ସରିଥିଲା।ବନ୍ଧୁବାନ୍ଧବ ଘରେ ପହଞ୍ଚିଥିଲେ। ପୁଅକୁ ନିଜ କୋଳରେ ଧରି କ୍ଷୀର ଖୁଆଉ ଥିବା ବେଳେ ଚାଲି ଯାଇଛି ମା ର ଜୀବନ।ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବିବରଣୀ ରୁ ପ୍ରକାଶ ଯେ କଲ୍ୟାଣପୁର ଗ୍ରାମର ଉତ୍ତମ ଜେନା ମାତ୍ର ଦୁଇ ବର୍ଷ ତଳେ ସ୍ଥାନୀୟ ଓମିଚଣ୍ଡି ଗ୍ରାମର କାହ୍ନୁଚରଣ ଦେ ଙ୍କ ଝିଅ ଶୁଭଶ୍ରୀ (୨୩) ଙ୍କୁ ବିବାହ କରିଥିଲେ। ଏବେ ଶୁଭଲକ୍ଷ୍ମୀ ଙ୍କ କୋଳରେ ଧର୍ମେଶ ନାମରେ ବର୍ଷକର ପୁଅ ରହିଛି। ଆସନ୍ତା କାଲି ଧର୍ମେଶ ଙ୍କ ଷଠୀଘର ଆୟୋଜନ ହେବାକୁ ପ୍ରସ୍ତୁତି ସରିଛି।ସେଥିପାଇଁ ଘରେ ଖୁସିର ମାହୋଲ।ଟେଣ୍ଟ ମରା ଯାଇଥିବା ବେଳେ ନିମନ୍ତ୍ରିତ କିଛି ବନ୍ଧୁବାନ୍ଧବ ବି ପହଞ୍ଚିଥିଲେ।ପୁଅ ଷଠିଘର ପାଇଁ ମାର ବି ପାଦ ମାଟିରେ ଲାଗୁନଥିଲା।ନିଜ ହାତରେ ୪/୫ ଦିନ ହେଲା ସବୁ ପ୍ରସ୍ତୁତି ସେ କରୁଥିଲେ। ତେବେ ଆଜି ସନ୍ଧ୍ୟା ପାଖାପାଖି ୭ ଟା ସମୟରେ ଶୁଭଶ୍ରୀ ନିଜ କୋଳରେ ପୁଅକୁ ବସାଇ କ୍ଷୀର ଖୁଆଉ ଥିଲେ।ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଶୁଭଲକ୍ଷ୍ମୀ ଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ ନୂଆପଡ଼ା ଏନ୍ଏସି ଚେୟାରମ୍ୟାନ ଆଦମ୍ ଖାନ

ନୂଆପଡ଼ା/ଭୁବନେଶ୍ୱର, ୨୪/୨ (ନି.ପ୍ର): ନୂଆପଡ଼ା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ନୂଆପଡ଼ା ଏନ୍ଏସି ଚେୟାରମ୍ୟାନ ଆଦମ୍ ଖାନ ବିଜେଡି ଛାଡ଼ି ଆନୁଷ୍ଠାନିକଭାବେ ବିଜେପିରେ ଯୋଗଦେଇଛନ୍ତି। ଏହି ଅବସରରେ କାଉନ୍ସିଲର ଧର୍ମରାଜ ସବାର, ସଂଗୀତା ପରେଖ, ଥାନେଶ୍ୱରୀ ସାହୁ, ଶିବାନନ୍ଦ ପାତ୍ର, ଧନେଶ୍ୱରୀବିମଳ ସାହୁ, ରାନୁ ସାହୁ, ମଳୟ ରଞ୍ଜନ ମଣ୍ଡଳ, ଭଗବତୀ ଦଣ୍ଡସେନା ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ। ସେହିପରି ନୂଆପଡ଼ା ଏନ୍ଏସି ସଦସ୍ୟ ଗୋପି ସୁନା, ଲଖନ ସାହୁ, ଜଗ୍‌ଦିଶ ସାହୁ, ନରତୋମ ସାହୁ, ଦୁଧନାଥ ସାହୁ, ଭୂଷଣ ସାହୁ, ରାଜେଶ ପଟେଲ, ଗଣେଶ ପଟେଲ, ବବ୍‌ଲୁ ଖାନ, ଆବସ ଖାନ, ମହେନ୍ଦ୍ର ସାହୁ, ହରପ୍ରସାଦ ମାଝୀ, ମାନ ସିଂ ସାହୁ, ଘନଶ୍ୟାମ ସାହୁ, ନନ୍ଦ କିଶୋର ସାହୁ, ହେମ୍ କୁମାର ସାହୁ, ପ୍ରେମ ମାଝୀ, ପିଥୁଲାଲ ସାହୁ, ଗୋରଖନାଥ ସାହୁ, ବିରୁ ମହାନନ୍ଦ, ଟିକୁ ସାହୁ, ସଜ୍ଜନ ବରିହା, ସଞ୍ଜୟ ବାଗ, ଅଶୋକ ମହାରଣା, ଭାକୁଲ ସାହୁ, ବାଲକୁମାର ପଟେଲ, ଦେଓ କୁମାର ପଟେଲ, ସୀମାଲିନୀ ପଣ୍ଡା, ପ୍ରମିଳା ମଣ୍ଡଳ, ସୁନିତା ବର୍ମା, ଗଙ୍ଗା ଦଣ୍ଡ ସେନା, ଜମୁନା ଦଣ୍ଡସେନା, ଲେଶ ବାରିକ, ମନିଷା ରାଉତ, ଉତର ସବାର, ଲୀଳା ଦଣ୍ଡସେନା, ଯବନ୍ତୀ ସାହୁ, ପବନବାଇ ରାଉତ, ଲକ୍ଷ୍ମୀ ସବାର, ବିମଳ ସାହୁ ଏବଂ ଓମ୍‌କାର ସାହୁ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ସାଂସଦ ମାଳବିକା ଦେଓ, ବିଧାୟକ ଜୟ ଢ଼ୋଲକିଆ, ଖରିଆରୋଡ ଏନ୍ଏସସି୍ ଚେୟାର ମ୍ୟାନ ସୋନିଆ ଜଏନ୍, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା, ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶେଷହେଲା ପ୍ରଥମ...

କଂଗ୍ରେସ କକ୍ଷତ୍ୟାଗ କରିଥିଲା ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା । ଦଳୀୟ ସ୍ୱାର୍ଥ ପାଇଁ ବିଧାନସଭାର କାର୍ଯ୍ୟସୂଚୀକୁ ଜଳାଞ୍ଜଳି ଦେଇଦେଲେ କି ରାଜନୈତିକ ଦଳ ? ଗୃହରେ ଅଚଳାବସ୍ଥାର ଉତ୍ତରଦାୟିତ୍ୱ ମୁଣ୍ଡାଇବ କିଏ ? ଗୃହରେ ହଟ୍ଟଗୋଳ କରି କ'ଣ ପାଇଲେ ବିରୋଧୀ ? ଗୃହକୁ ସ୍ୱାଭାବିକ କରିବା ଶାସକ ଦଳର କ'ଣ ଦାୟିତ୍ୱ ନୁହେଁ କି ? ବିଧାନସଭାର ଅଚଳାବସ୍ଥାକୁ ନେଇ କିଛି ଏଭଳି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି । ଅଥଚ କାଦୁଅଫିଙ୍ଗା ରାଜନୀତିରେ ଏବେ ବି ବ୍ୟସ୍ତ ଉଭୟ ଶାସକ-ବିରୋଧୀ । ଅଚଳାବସ୍ଥାରେ ପ୍ରଥମ ପର୍ଯ୍ୟାୟ ଅଧିବେଶନର ଆୟୁଷ ସରିଛି । ମାର୍ଚ୍ଚ ୯ରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ । ହେଲେ ପ୍ରଶ୍ନ ଉଠୁଛି, ଉଭୟ ଶାସକ-ବିରୋଧୀଙ୍କ ପାଇଁ କ'ଣ ଗୁରୁତ୍ୱପୂର୍ଣ୍ଣ ? ଦଳୀୟ ସ୍ୱାର୍ଥ ନା ଓଡ଼ିଶାର ସ୍ୱାର୍ଥ ?

### ନାକେଦମ୍ କଲା ସୁପରମାର୍ଟ ...

କୋଠାର ଗୋଟିଏ ମାତ୍ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଥିବାରୁ ଉପୁଜିଥିଲା ସମସ୍ୟା । ବ୍ରୁଣ୍ଟୋ ସ୍କାଏ ଲିଫ୍ଟ ସାହାଯ୍ୟରେ ପାଣି ମାଡ଼ କରି ନାକେଦମ୍ ହୋଇସାରିଥିଲେ ଅଗ୍ନିଶମ ଯବାନ । କୋଠାର ଦୁଇ ପାର୍ଶ୍ୱ କାନ୍ଥ ଭାଙ୍ଗି ନିଆଁ ଲିଭାଇବାକୁ ଚେଷ୍ଟା ହୋଇଥିଲା । ତଥାପି କାମ ଦେଉନଥିଲା ପାଣି । ଏହାପରେ ସ୍ୱତନ୍ତ୍ର ରୋବୋଟ୍ ଆସି ଫୋମ୍ ସ୍ପ୍ରେ କରିବାକୁ ଚେଷ୍ଟା କରିଥିଲା । ହେଲେ ନିଆଁର ପ୍ରକୋପ ଏତେ ଥିଲା ଯେ, ତାହା ବି ସମ୍ଭବ ହୋଇନଥିଲା । ଧିରେ ଧିରେ ଦବିବାରେ ଲାଗିଥିଲା ତୃତୀୟ ଓ ଚତୁର୍ଥ ମହଲାର ଛାତ । କାନ୍ଥ ଓ ଛାତ ଫାଟି କେମିତି ବାହାରୁଥିଲା ଭକ୍ ଭକ୍ ଧୂଆଁ ।

### ରତ୍ନଭଣ୍ଡାର ଗଣତି ...

ହ୍ୟାଣ୍ଡେଲିଂ ଟିମ୍ ରୁ ୧୦ଜଣ ରହିବେ। ଗଜପତି ମହାରାଜା କିମ୍ବା ପରିଚାଳନା କମିଟିର କାର୍ଯ୍ୟକାରୀ ଅଧକ୍ଷ ଚାହିଁଲେ ରହିପାରିବେ। ୧୯୭୮ ମସିହାରେ ୭୨ ଦିନ ଗଣତିମଣତି ତାଲିକା ସହ ୧୯୮୨,୧୯୮୫ରେ କିଛି ଅଳଙ୍କାର ବାହାରିଥିବାରୁ ମେଳକ କରାଯିବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି, ଦ୍ୱିତୀୟରେ ବାହାର ରତ୍ନଭଣ୍ଡାରର ଗଣତିମଣତି କରାଯିବ ଏବଂ ଶେଷରେ ଭିତର ରତ୍ନଭଣ୍ଡାରର ଗଣତିମଣତି କରାଯିବ। ଭିତର ରତ୍ନଭଣ୍ଡାରର ଚାବି ପ୍ରତ୍ୟକ ଦିନ ଗଣତିମଣତି ପରେ ଟ୍ରେଜେରୀରେ ଜମା ହେବ ଓ ପୁର୍ନବାର ଗଣତିମଣତି ସମୟରେ ଆସିବ। ସମସ୍ତେ ଗୋପନୀୟତା ବଜାୟ ରଖିବେ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଗଣତିମଣତି ହେବ। ଗଣତିମଣତି ପରେ ଅଳଙ୍କାର ସବୁ ଅଲଗା ଅଲଗା ପ୍ରସ୍ତୁତ ସିନ୍ଧୁକରେ ରହିବ।

### ଭୁବନେଶ୍ୱରରେ କାଳବୈଶାଖୀ...

ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ଜଳାର୍ଣ୍ଣବ ସୃଷ୍ଟି ହୋଇଥିଲା, ଯାହା ଫଳରେ ଯାତାୟତ ବ୍ୟବସ୍ଥା ବିଘ୍ନିତ ହୋଇଥିଲା। ଜନପଥରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ରସୁଲଗଡ଼, ପଳାଶୁଣୀ, ରାଜମହଲ ଓ କଟକରୋଡ ଅଞ୍ଚଳରେ ମଧ ବର୍ଷାର ପ୍ରଭାବ ପଡ଼ିଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା। ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଛି। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ପ୍ରଭାବରେ ଦୁଇ ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ବିଶେଷ କରି କୋରାପୁଟ, ସୁବର୍ଣ୍ଣପୁର ବରଗଡ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ଆସନ୍ତାକାଲି ୫ ଜିଲାରେ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି । ସେହି ଜିଲାଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ କେନ୍ଦୁଝର। ଏସବୁ ଜିଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ଏବଂ ପବନ ସମ୍ଭାବନା ରହିଛି। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ଏକ ଟ୍ରଫ ଲାଇନ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚତାରେ ଓଡ଼ିଶା ଦେଇ ଗତି କରୁଛି। ଏହା ପ୍ରଭାବରେ ସୋମବାର ପଶ୍ଚିମ ଓଡ଼ିଶା ସମେତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡ଼ା ଜିଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୋନପୁରର ବିନିକା ସମେତ ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି। ସେହିଭଳି ବରଗଡ଼ରେ ମେଘୁଆ ପାଗ ରହିଥିବାବେଳେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି।

### ମୋଦୀଙ୍କୁ ଟାର୍ଗେଟ...

ଏଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ଖଡ଼ଗେ ଅଭିଯୋଗ କରିଥିଲେ ଯେ ଦେଶର ଚାଷୀଙ୍କୁ ଠକିବା ସହ ମୋଦୀ ଦେଶକୁ ବିକିଦେଇଛନ୍ତି। ଏ ବିଷୟରେ ମୋଦୀ କାହିଁକି ଚାୟ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଆଲୋଚନା କରୁନାହାନ୍ତି ବୋଲି ଖଡ଼ଗେ ପ୍ରଶ୍ନ କରିଥିଲେ ।

### କେରଳ ହେବ...

କେରଳମ୍ ଭାବେ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଥିଲା ବିଧାନସଭାର ପ୍ରସ୍ତାବ ପରେ, ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ରାଜ୍ୟର ନାମ କେରଳରୁ କେରଳମ୍‌କୁ ପରିବର୍ତ୍ତନ କରିବାକୁ ମଞ୍ଜୁରୀ ଦେଇଛି। ଗୃହ ମନ୍ତ୍ରଣାଳୟ କିଛି ବୈଷୟିକ ପରିବର୍ତ୍ତନ ପରାମର୍ଶ ଦେବା ପରେ କେରଳ ବିଧାନସଭା ଦ୍ୱିତୀୟ ଥର ପାଇଁ ଏହି ପ୍ରସ୍ତାବକୁ ପାରିତ କରିଥିଲା । ପ୍ରସ୍ତାବ ଆଗତ କରିଥିବା ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଚାହୁଁଥିଲେ ଯେ, କେନ୍ଦ୍ର ସରକାର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ସମସ୍ତ ଭାଷାରେ ଦକ୍ଷିଣ ରାଜ୍ୟର ନାମ କେରଳରୁ କେରଳମ୍‌କୁ ପରିବର୍ତ୍ତନ କରନ୍ତୁ। ଏହା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟକୁ ମାଲାୟଲମରେ କେରଳମ୍ କୁହାଯାଏ ଏବଂ ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ ମାଲାୟଲମ ଭାଷାଭାଷୀ ସମ୍ପ୍ରଦାୟ ପାଇଁ ଏକ ଅଖଣ୍ଡ କେରଳର ଦାବି ଜୋରଦାର ହୋଇଆସୁଛି। ସେ ଦର୍ଶାଇଥିଲେ ଯେ ସମ୍ବିଧାନର ପ୍ରଥମ ଅନୁସୂଚୀରେ ରାଜ୍ୟର ନାମ କେରଳ ଲେଖାଯାଇଛି।

### ଆସନ ବଣ୍ଟାକୁ ନେଇ ଡିଏମକେ ...

ଜିତିବାର ସମ୍ଭାବନା ରହିଛି । ତାହେଲେ ଆଗାମୀ ଦିନରେ ରାଜ୍ୟସଭା ଆସନ ଜିତିବାକୁ କାହାର ଦୟାର ପାତ୍ର ହେବାକୁ ପଡ଼ିବନାହିଁ । ତେଣୁ ଅତିକମରେ ୪୦ଟି ବିଧାନସଭା ଆସନରେ ଲଢ଼ିବା ଜିଦ୍‌ରେ କଂଗ୍ରେସ ଅଟଳ ରହିଛି । ଆଗାମୀ ମାର୍ଚ୍ଚ ମାସରେ ତାମିଲନାଡୁରେ ୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ । ଏଥି ମଧ୍ୟରୁ ଡିଏମକେ ମେଣ୍ଟ ୪ ଓ ଏଆଇଏଡିଏମକେ ଗୋଟିଏ ଆସନ ସହଜରେ ଜିତିପାରିବେ । ଷଷ୍ଠ ଆସନ ଜିତିବା ପାଇଁ କାହା ପାଖରେ ଉପଯୁକ୍ତ ଭୋଟ୍ ନାହିଁ। ଡିଏମକେ ମେଣ୍ଟ ସହଜରେ ଜିତିବାକୁ ଥିବା ୪ଟି ଆସନ ମଧ୍ୟରୁ ଗୋଟିଏ ଆସନ ପାଇବାକୁ କଂଗ୍ରେସ ସର୍ତ୍ତ ରଖିଛି ।

# ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଥଇଥାନ ଓ କ୍ଷତିପୂରଣ ଦିଆଯାଉ ବୋଲି ସି.ପି.ଆଇ (ଏମ୍)ର ଦାବି



ଜଳେଶ୍ୱର, ୨୪/୨ (ନି.ପ୍ର): ଦୀର୍ଘବର୍ଷ ଧରି ଜଳେଶ୍ୱର ବ୍ଲକ ବାଣିଦା ଗ୍ରାମର ଯୋଡ଼ାଗଡ଼ିଆ ପୋଖରୀ ଆଡ଼ିରେ ଛୋଟ ଦୋକାନ କରି ଜୀବିନ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କୁ ଆଜି ଦିନ ୧୧ ଘଟିକା ସମୟରେ ପ୍ରଶାସନ ଉଚ୍ଛେଦ କରିଛି।ଜୀବନ ଜିଇଁବା ପାଇଁ ସେମାନଙ୍କ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ଏଇଥିପାଇଁ ସି.ପି.ଆଇ (ଏମ୍) ସେ ଗ୍ରାମରେ ବିକଳ୍ପ ସ୍ଥାନରେଏହି ଯୋଜନା କରିବାପାଇଁ ପ୍ରସ୍ତାବ ରଖିଥିଲେ ମଧ ପ୍ରଶାସନ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରି ତରବରିଆ ଭାବରେ ସେମାନଙ୍କୁ ଉଚ୍ଛେଦ କରିଛି।ଏଣୁ ସି.ପି.ଆଇ(ଏମ୍) ଦାବୀ କରୁଛିକି,ଉଚ୍ଛେଦ ହୋଇଥିବା ଦୋକାନୀ ମାନଙ୍କୁ ବିକଳ୍ପସ୍ଥାନରେ ବସାଇବା ସହ ଦୋକାନ ଘର କରିବା ପାଇଁ ସରକାର ଓ ପ୍ରଶାସନ ସାହାଯ୍ୟ କରନ୍ତୁ କିମ୍ବା ଘର ଭାଙ୍ଗି କ୍ଷତିପୂରଣ ଦିଅନ୍ତୁ ବୋଲି ସି.ପି.ଆଇ (ଏମ୍)ର ବରିଷ୍ଠ ନେତା ଦିଲ୍ଲିପ କୁମାର ଗିରି,ପଲଟୁ ଦାସ,ସମେତ ଗୌରୀକାନ୍ତ ମହାନ୍ତି,ମମି ପଣ୍ଡା,ସବିତା ଭୂୟାଁ, ଅରୁଣ ଜେନା,ଝରଣା ଘଡ଼ାଇ,କୁନାଟୁଡ଼ୁ,ଉଜ୍ଜଳ ମହାନ୍ତି,ଦିପକ ଦାସ ପ୍ରମୁଖ ବ୍ୟକ୍ତିମାନେ ଉଛେଦ ସ୍ଥାନକୁ ଗସ୍ତ କରି ଏହି ଦାବୀ କରିଛନ୍ତି।

୨୫ ଫେବୃଆରୀ ୨୦୨୬, ବୁଧବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶିଶୁମାନଙ୍କ ବ୍ୟକ୍ତିଗତ ଯତ୍ନ ପ୍ରଣାଳୀ ପ୍ରସ୍ତୁତି ଉପରେ ଏକଦିବସୀୟ କର୍ମଶାଳା ଆୟୋଜିତ

ଭଦ୍ରକ, ୨୪/୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକଙ୍କ ଆନୁକୂଲ୍ୟରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନଙ୍କ ପାଇଁ "ଶିଶୁମାନଙ୍କ ନିମନ୍ତେ ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତିଗତ ଯତ୍ନ ପ୍ରଣାଳୀ ପ୍ରସ୍ତୁତି" ବିଷୟରେ ଏକ ଏକଦିବସୀୟ କର୍ମଶାଳା ପୁରାତନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟାଳୟ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଭଦ୍ରକଙ୍କ ଅଧ୍ୟକ୍ଷ ସମ୍ମାନନୀୟ ସୁବ୍ରତ କୁମାର ବିଶ୍ୱାଳ ଯୋଗଦେଇ କହିଥିଲେ ଯେ, ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ପାଇଁ ସଠିକ ଆବଶ୍ୟକତା ଚିହ୍ନଟ ଓ ବ୍ୟକ୍ତିଗତ ଯତ୍ନ ପ୍ରଣାଳୀ ପ୍ରସ୍ତୁତି ମାଧ୍ୟମରେ ତାଙ୍କର ସମଗ୍ର ଉନ୍ନତି ସୁନିଶ୍ଚିତ କରାଯାଇପାରିବ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ପ୍ରଦୀପ୍ତ କୁମାର କର ଯୋଗଦେଇ ଶିଶୁମାନଙ୍କ ଭାବନାତ୍ମକ ଓ ମାନସିକ ପରିସ୍ଥିତିକୁ ଗୁରୁତ୍ୱ ଦେଇ ଯତ୍ନ ପ୍ରଣାଳୀ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସଠିକ ଯୋଜନା ପ୍ରସ୍ତୁତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ବିଷୟ ବିଶେଷଜ୍ଞ



ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟ ସୁନ୍ଦର ପୁହାଣ ଶିଶୁମାନଙ୍କ ନିମନ୍ତେ ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟାର ବିଭିନ୍ନ ପାର୍ଶ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ

# ଭଦ୍ରକର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଉପଲକ୍ଷେ ପୁଷ୍ପ ମାଲ୍ୟାର୍ପଣ



ଭଦ୍ରକ, ୨୪/୨ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ସାହିତ୍ୟର ମହାନ କବି ଓ "ବନ୍ଦେ ଉତ୍କଳ ଜନନୀ"ର ଅମର ରଚୟିତା, ଭଦ୍ରକର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ ?ୟତିଥୀ ଉପଲକ୍ଷେ ଆଜି ଭଦ୍ରକ ବାଇପାସ୍ ଛକରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ସଂସ୍କୃତି ବିଭାଗ ଅଧିକାରୀ, ଉତ୍କଳ ସର୍ବୋଦୟ ମଣ୍ଡଳ, ତ୍ୟାଗଭୁମି ସଦସ୍ୟମାନଙ୍କ ସହିତ ବିଭିନ୍ନ ସାହିତ୍ୟପ୍ରେମୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହି କାନ୍ତକବିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେଏହିଅବସରରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ କହିଥିଲେ ଯେ, କାନ୍ତକବିଙ୍କ ଅମର ରଚନା "ବନ୍ଦେ ଉତ୍କଳ ଜନନୀ" ଓଡ଼ିଆ ଜାତିର ଅସ୍ମିତା, ଏକତା ଓ ଦେଶପ୍ରେମର ପ୍ରତୀକ। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ିଙ୍କୁ ଦେଶ ଓ ରାଜ୍ୟ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଯୁବ ପିଢ଼ିମାନଙ୍କୁ କାନ୍ତକବିଙ୍କ ଜୀବନୀ ଓ ଆଦର୍ଶରୁ ପ୍ରେରିତ ହୋଇ ଦେଶର ନାମ ରକ୍ଷା କରିବା ପାଇଁ ବଦ୍ଧପରିକର ରହିବା ପାଇଁ ଜିଲ୍ଲାପାଳ କହିଥିଲେ।

# ପୂର୍ବତନ ବିଧାୟକ ବିମଳ ଲୋଚନ ଦାସଙ୍କ ସ୍ମୃତିଚାରଣ ସଭା

ବାରିପଦା, ୨୪/୨ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ମୟୂରଭଞ୍ଜ ରେ ସମବାୟ ଆନ୍ଦୋଳନ ର କର୍ଣ୍ଣ ଧାର ବିଶିଷ୍ଟ ସମାଜ ସେବୀ ତଥା ବାରିପଦା ର ପୂର୍ବତନ ବିଧାୟକ ବିମଳ ଲୋଚନ ଦାସ ଙ୍କ ୫ମ ମହାପ୍ରୟାଣ ଦିବସ ଅବସର ରେ ଏକ ସ୍ମୃତିଚାରଣ ସଭା ପ୍ରତିଷ୍ଠାନ ର ସଭାପତି ଡ଼ା ପାର୍ଥ ସାରଥି ଜେନା ଙ୍କ ସଭାପତିତ୍ୱ ରେ ସ୍ଥାନୀୟ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ସଙ୍ଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀ ଜଗନ୍ନାଥ ଙ୍କ ଭଜନ ପରିବେଷଣ କରିଥିଲେ।ପରେ ପ୍ରତିଷ୍ଠାନ ର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁ ଙ୍କ ନିସ୍ୱାର୍ଥପର ଜୀବନ ଶୈଳୀ ଓ ସମାଜ ପାଇଁ କିପରି ତାଙ୍କର କାର୍ଯ୍ୟ ଧାରା ସମର୍ପିତ ଥିଲା ତାହା ଅତି ମାର୍ମିକ ଭାବରେ ପ୍ରକାଶ କରିଥିଲେ।ଉକ୍ତ ସ୍ମୃତି ଚାରଣ ସଭା ରେ ବରିଷ୍ଠ ସାମ୍ବାଦିକ ତଥା




ପରିବେଶବିତ୍ ଡ଼ ବିଜୟ କୁମାର ଅଗ୍ରୱାଲା ତାଙ୍କ ଅଭିଭାଷଣ ରେ ବିମଳ ବାବୁ ବିଭିନ୍ନ କ୍ଷେତ୍ର ରେ ଦାୟିତ୍ୱ ନେଇ ତାହାକୁ ସଫଳତାର ସହ ସମ୍ପାଦନ କରିଥିଲେ ବୋଲି କହିଥିଲେ।ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସମ୍ମାନିତ ବକ୍ତା ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିମଳ ବାବୁ କିଭଳି ଅର୍ବାନ ବ୍ୟାଙ୍କ କୁ ସମଗ୍ର ରାଜ୍ୟ ରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଥିଲେ ତାହା ବିଷଦ ଭାବରେ ବର୍ଣ୍ଣନା କରିଥିଲେ।ଏହି ଅବସରରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସୁବ୍ରମଣ୍ୟମ ମହାନ୍ତି ଙ୍କୁ ଚଳିତ ବର୍ଷ ର ମର୍ଯ୍ୟାଦା ଜନକ 'ବିମଳ ଲୋଚନ ଦାସ' ସ୍ମୃତି ସମ୍ମାନ ୨୦୨୬ ପ୍ରତିଶ୍ରୁତି ପକ୍ଷ ରୁ ପ୍ରଦାନ କରାଯାଇଥିଲା।ପରେ ମୁଖ୍ୟ ଅତିଥି ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜ ବକ୍ତବ୍ୟ ରେ ବିମଳ ବାବୁଙ୍କ ଜୀବନର ଭୂୟସୀ ପ୍ରଶଂସା କରି ସେ କିପରି ତାଙ୍କ ଆଶୀର୍ବାଦ ରେ ପ୍ରଥମେ ନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କହିବା ସହିତ ତାଙ୍କୁ ନିଜର ରାଜନୈତିକ ଗୁରୁ ଭାବରେ ଅଭିହିତ କରିଥିଲେ। ସଭାପତି ଡ଼ା ଜେନା ବିମଳ ବାବୁ ଙ୍କ ବଦାନ୍ୟତା ସମ୍ପର୍କରେ ଏକ ଭାବ ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଅବସର ରେ ବିମଳ ବାବୁଙ୍କ ସ୍ମୃତି ସମ୍ବଳିତ ଏକ ମନୋଜ୍ଞ କବିତା ପାଠ ଉତ୍ସବ ବରିଷ୍ଠ ଗାଳ୍ପିକ ପଦ୍ମନାଭ ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।ଏହି କବିତା ପାଠ ଉତ୍ସବରେ କବୟିତ୍ରୀ ବିରଜା ଦେବୀ, ଭଗବତୀ ଦାଶ, ଭାସ୍ୱତୀ ପଣ୍ଡା,ମିନତି ଦାଶ, ସୁଧାମୟୀ ଦାସ,ଭାରତୀ ବେବର୍ତ୍ତା,ପୁଷ୍ପ ଲତା ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ ,ହରିହର ବେହେରା, ନରସିଂହ ବାରିକ,ବନମାଳୀ ପାତ୍ର, ଅଜୟର ପୃଷ୍ଟି,ଗୋପାଳ ଚନ୍ଦ୍ର ଦତ୍ତ,ଦିଲୀପ କୁମାର ଆଇଚ୍,ମୀନକେତନ ମହାନ୍ତି ପ୍ରମୁଖ ବହୁ କବି କବିତା ପାଠ କରିଥିଲେ।ପ୍ରାରମ୍ଭ ରେ ବିମଳ ବାବୁ ଙ୍କର ଫଟୋ ଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ପରିଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକ ଭଦ୍ରବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଦେଢ଼ ବର୍ଷରେ ମଲେଣି ୧୧୪ ହାତୀ

ଭୁବନେଶ୍ୱର, ୨୪/୨ (ନି.ପ୍ର): ଦେଢ଼ ବର୍ଷରେ ମୃତ୍ୟୁବରଣ କରିଛନ୍ତି ୧୧୪ ହାତୀ । ସର୍ବାଧିକ ୪୨ ଗୋଟି ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ବେଳେ ବିଭିନ୍ନ ରୋଗ ଦ୍ୱାରା ୨୯ ଗୋଟି ହାତୀ ମରିଛନ୍ତି । ସେହିପରି ଶିକାରୀଙ୍କ ଦ୍ୱାରା ୬ ଗୋଟି ହତ୍ୟା କରାଯାଇଥିବା ବେଳେ, ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ ଗୋଟି ହାତୀ ଓ ରେଳ ଦୁର୍ଘଟଣାରେ ୪ ଗୋଟି ହାତୀ ମୃତ୍ୟୁବରଣ କରିଛନ୍ତି । ସେହିପରି ପ୍ରାକୃତିକ କାରଣ ଦ୍ୱାରା ୧୭ ଗୋଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ପାହାଡ଼ରୁ ପଡ଼ି, ନଦୀ ନାଳରେ ପଡ଼ି, ନିଜ ଭିତରେ କଳହ ହୋଇ ୧୩ ଗୋଟି ହାତୀ ମୃତ୍ୟୁବରଣ କରିଛନ୍ତି । ଅପ୍ରାକୃତିକ ହାତୀ ମୃତ୍ୟୁ ପାଇଁ ୯୩ ଜଣ ଲୋକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଧାନସଭାରେ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଲିଖିତ ଉତ୍ତର ରଖିଛନ୍ତି ।

# ବର୍ଷକ ଭିତରେ ଆମ ବସ୍ ଧକ୍କାରେ ୭ ମୃତ

ଭୁବନେଶ୍ୱର, ୨୪/୨ (ନି.ପ୍ର): ବର୍ଷକ ଭିତରେ ଆମ ବସ୍ ଧକ୍କାରେ ୭ଜଣଙ୍କ ମୃତ୍ୟୁ ହୋଇଛି । ଆମ ବସ୍ ଦୁର୍ଘଟଣାରେ ସର୍ବାଧିକ ଭୁବନେଶ୍ୱରରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ କଟକରେ ଜଣେ ମୃତ୍ୟୁବରଣ କରିଛନ୍ତି । ସେହିପରି ଆମ ବସ୍ ଦୁର୍ଘଟଣାରେ ବର୍ଷକ ମଧ୍ୟରେ ୮ ଜଣ ହୋଇଛନ୍ତି ଗୁରୁତର । ସର୍ବାଧିକ ଭୁବନେଶ୍ୱର ୪ ଜଣ ଗୁରୁତର ହୋଇଥିବା ବେଳେ ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ରେ ଜଣେ ଲେଖାଏଁ ହୋଇଛନ୍ତି ଗୁରୁତର । ଦୁର୍ଘଟଣା ରୋକିବାକୁ ଏହି ବର୍ଷକ ମଧ୍ୟରେ ୨୮ ହଜାର ୭୦୦ ଥର ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି । ତାହା ସହ ସ୍ପିଡ୍ ଲିମିଟକୁ ମଧ୍ୟ ଫିକ୍ସ କରାଯାଇଛି । ଇଲେକ୍ଟ୍ରିକ ବସ୍ ଗୁଡ଼ିକର ବେଗ ୩୫ କିମି ମଧ୍ୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଡ଼ିଜେଲ ଚଳିତ ବର୍ଷର ବେଗ ୪୦ ଓ ରାଜପଥରେ ଚାଲୁଥିବା ଆମ ବସ୍ ଗୁଡ଼ିକର ବେଗ ୫୦ କିମି ଭିତରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ: ନୀଳଗିରି ଥାନାରେ ଅଭିଯୋଗ

ନୀଳଗିରି, ୨୪/୨ (ନି.ପ୍ର): ନୀଳଗିରି ଥାନା ଅଧୀନ ଅଯୋଧ୍ୟା ଗ୍ରାମର ଜୈନିକ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ ପରେ ଗୁରୁତରଯୁବକଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି। ସୂଚନା ମୁତାବକ ଅଯୋଧ୍ୟା କଲେଜଛକ ନିକଟରେ ଗତ ରବିବାର ଅପରାହ୍ନ ପ୍ରାୟ ୨ଟାସମୟରେ ଅଯୋଧ୍ୟା ଗାଁର ୮ ଗୈରମୋହନ ମଲ୍ଲିକଙ୍କ ପୁଅ ରବିଶଙ୍କର ମଲିକ (୨୪) ନାମକ ଯୁବକ ଛିଡ଼ାହୋଇଥିବା ବେଳେ ସେହି ଗାଁର ବାମନ ନାୟକଙ୍କ ପୁତ୍ର ଚନ୍ଦ୍ରଭାନୁ ନାୟକ (୨୪) ତାଙ୍କୁ ଜାତିଆଣ ଉଠାଇ ମୁଥା, ଗୋଇଠା, ବିଧାମାରି ଆକ୍ରମଣ କରିଥିଲେ। ଏତିକି ବେଳେ ଯୁବକଙ୍କ ସମ୍ପର୍କୀୟ ଭାଇ ସେଠାରେ ପହଞ୍ଚି ଉଦ୍ଧାରକରି



ଘରକୁ ନେଇଯାଇଥିଲେ। ପୁଣି ସେହିଦିନ ସନ୍ଧ୍ୟା ୫ଟା ୩୦ ମିନିଟରେ ଚନ୍ଦ୍ରଭାନୁ ଏବଂ ଅନ୍ୟ ୩ଜଣ ସହଯୋଗୀ ତାଙ୍କ ଘରେ ପହଞ୍ଚି ଜୋର ଜବରଦସ୍ତ ଉଠାଇ ଆଣି ଏକ ନିଛାଟିଆ ସ୍ଥାନରେ ମରଣାନ୍ତକ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ଗୋଟିଏ ଜଙ୍ଘକୁ କାଟି ରକ୍ତାକ୍ତ କରିଦେଇଥିଲେ। ରବିଶଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କ ଠାରୁ ଖସିଆସି ପାଖ ଜଙ୍ଗଲରେ ପଶିଯାଇଥିଲେ। କିଛିଘଣ୍ଟା ପରେ ରବିଶଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ପରେ ପରିବାରଲୋକ ଗୁରୁତର ଅବସ୍ଥାରେ ଉଦ୍ଧାରକରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏ ନେଇ ଆହତଙ୍କ ମା' ମମତା ମଲ୍ଲିକ ଗତ ସୋମବାର ନୀଳଗିରି ଥାନାରେ ଏତଲା ଦେବା ପରେ ପୋଲିସ ପକ୍ଷରୁ ୯୭/୨୬ ରେ ମାମଲା ରୁଜୁ କରିଛି। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ମଙ୍ଗଳବାର ବାଲେଶ୍ୱର ଡି.ଏସ.ପି ନିବେଦିତା ସୋରେନ ଓ ସବ ଇନ୍ସପେକଟର ନଳିନୀ ଜେନା ଘଟଣାସ୍ଥଳ ସହିତ ମେଡିକାଲକୁ ଯାଇ ଘଟଣାର ତଦନ୍ତ କରୁଛନ୍ତି। ଏହି ମାମଲାରେ ଦଫା ୧୨୬(୨)/୧୧୫ (୨)/ ୨୯୬/୩୯୧(୨)/୩(୩) ବି.ଏନ.ଏସ/୩(୧)/ଆର.ଏସ/ ୩(୨)ଭି.ଏ/ପିଓ ଧାରାରେ ମାମଲା ରୁଜୁ ହୋଇଛି। ସେପଟେ ଗୁରୁତର ଯୁବକଙ୍କ ଏବେବି ନୀଳଗିରି ଡାକ୍ତରଖାନାରେ ଚିକିତ୍ସା ଚାଲିଛି।

# ବାଲେଶ୍ୱର ସଦର ବ୍ଲକରେ ଟେଲରିଂ ୟୁନିଟ ସ୍ଥାପନ ପାଇଁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଲେ ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୨୪/୨ (ନି.ପ୍ର): ରାଜ୍ୟରେ ଭାରତୀୟ ଜନତା ପାର୍ଟିର ଏକକ ସରକାର ଗଠନ ହେବା ପରେ ମହିଳା ସଶକ୍ତିକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମିଶନ ଶକ୍ତି ଅଧୀନରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ନିର୍ବାଚନ ପୂର୍ବର ଘୋଷଣା ଅନୁଯାୟୀ ଆରମ୍ଭ ହୋଇଛି ସୁଭଦ୍ରା ଯୋଜନା। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମ ନିର୍ଭରଶୀଳ ମହିଳାଙ୍କ ସାମଗ୍ରିକ ବିକାଶ ମାଧ୍ୟମରେ ଏକ କୋଟି ଲକ୍ଷ ପତି ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି। ମହିଳାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି । ଏହାକୁ ନେଇ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱ ରଖୁଥିବା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ



ପରିଡ଼ାଙ୍କୁ ସାକ୍ଷାତ ସହ ଆଲୋଚନା କରିଛନ୍ତି । ବାଲେଶ୍ୱର ସଦର ବ୍ଲକରେ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଏକ ଟେଲରିଂ ୟୁନିଟ ସ୍ଥାପନ ପାଇଁ ବିଧାୟକ ଶ୍ରୀ ଦତ୍ତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଅନୁରୋଧ କରିଛନ୍ତି । ଏହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟ ସାଧନ ହୋଇ ପାରିବ ବୋଲି ବିଧାୟକ ଶ୍ରୀ ଦତ୍ତ ଯୁକ୍ତି ଦର୍ଶାଇଛନ୍ତି। ମହିଳା ସଶକ୍ତିକରଣ ମୋହନ ମାଝୀ ସରକାରଙ୍କ ପ୍ରାଥମିକତା ହୋଇଥିବା ବେଳେ ଏ ଦିଗରେ ସକାରାତ୍ମକ ବିଚାର ପାଇଁ ସେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମଧ୍ୟ ଏହା ଉପରେ ପଦକ୍ଷେପ ନେବେ ବୋଲି ବିଧାୟକ ଶ୍ରୀ ଦତ୍ତଙ୍କୁ ନିର୍ଭର ପ୍ରତିଶୃତି ଦେଇଛନ୍ତି।

# ବାଲେଶ୍ୱର ଜିଲ୍ଲାକୁ ସ୍ୱାସ୍ଥ୍ୟସେବାରେ ସରକାରୀ ଅବହେଳା ବିରୋଧରେ କ୍ରିୟାନୁଷ୍ଠାନ କମିଟିର ମାର୍ଚ୍ଚ ୧ରେ ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର, ୨୪/୨ (ନି.ପ୍ର): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ଓ ସ୍ୱାସ୍ଥ୍ୟସେବା ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ନିମିତ୍ତ ଆସନ୍ତା ମାର୍ଚ୍ଚ ପହିଲା, ରବିବାର ଦିନ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ଆହ୍ୱାନ କରାଯାଇଛି। ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ଦାବିଗୁଡ଼ିକୁ ନେଇ ଓ ସାପ୍ତାହିକ ବୈଠକର ନିଷ୍ପତ୍ତିକ୍ରମେ ଏହି ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକରେ ବ୍ଲକ୍ ଓ ଶାଖା କମିଟିର ପ୍ରତିନିଧିମାନେ ଯୋଗଦେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ସଭାପତି




ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କମିଟିର ସାପ୍ତାହିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଓ ମେଡିକାଲ୍ କଲେଜରେ ରୋଗୀମାନଙ୍କୁ ସେବା ଯୋଗାଇଦେବାରେ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସଂପର୍କରେ ଉପସ୍ଥାପିତ କରିଥିଲେ। ବାଲେଶ୍ୱର ଏମ୍ସରେ ରୋଗୀମାନେ ସ୍ୱାସ୍ଥ୍ୟସେବା ନପାଇ ହତାଶ ହେଉଥିବାରୁ ରୋଗୀ ସଂଖ୍ୟା ହ୍ରାସ ପାଉଛି। ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହବ୍ୟାପୀ ଗଣଧାରଣା ଓ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିଗୁଡ଼ିକର କୌଣସି ସୁସମାଧାନ ହୋଇନାହିଁ। ଚଳିତ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାବାସୀଙ୍କର କୌଣସି ଦାବିକୁ ବିଚାରକୁ ନେଇ ନଥିବା ସଂପର୍କରେ ଶ୍ରୀ ଦାସ ବୈଠକରେ ଜଣାଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଡା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ସଚୀନ୍ଦ୍ର ଦାସ, ଦୀପକ ମିଶ୍ର, ବିଜନ ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଶାଙ୍କ ଦତ୍ତ, ଯୋଗେଶ ଚନ୍ଦ୍ର ମାହାର୍ଣ୍ଣା, ଯତୀନ୍ ପାତ୍ର ପ୍ରମୁଖ ସରକାରଙ୍କ ଅବିଚାରକୁ ବିରୋଧ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ମାର୍ଚ୍ଚ ପହିଲାରେ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ଆଗତ କରିଥିଲେ ଓ ସୁକୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନାହିଁ ନାହିଁରେ ଚାଲିଛି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ବିଭିନ୍ନ ସମସ୍ୟାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର: ପ୍ରତିକାର ଦାବିରେ ଖବରଦାତା ସମ୍ମିଳନୀ

ବାଲିଆପାଳ, ୨୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଇଡକୋ ଛକ ସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି। ଫଳରେ ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି।ଏନେଇ ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୂଚନା ଅଧିକାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଏହି ହସ୍ପିଟାଲକୁ ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକରୁ ହଜାର ହଜାର ରୋଗୀ ମାନେ ଚିକିତ୍ସିତ ହେବା ପାଇଁ ନିର୍ଭର କରିଥାନ୍ତି। ମାତ୍ର




ଏଠାରେ ମେଡିସିନ , ପ୍ରସୂତି,ସର୍ଜରୀ ପ୍ରମୁଖ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନଙ୍କୁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର ହେବାକୁ ପଡ଼ିଥାଏ। ଯାହା ଫଳରେ ଜନସାଧାରଣ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ହଇରାଣ ହେଉଛନ୍ତି। ବିଭିନ୍ନ ବିଭାଗର ଡ଼ାକ୍ତର ନଥିବା ବେଳେ ଜଣେ ଶିଶୁ ବିଭାଗ ଡାକ୍ତରଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର। ଏହା ବ୍ୟତୀତ ଇସିଜି,ଏକ୍ସେ, ଅଲଟ୍ରାସାଉଣ୍ଡ ଏହି ତିନି ବିଭାଗରେ ନିଯୁକ୍ତି ପାଇଁ ଥିବା ଟେକ୍ନିସିଆନ ମାନଙ୍କୁ ବାଲେଶ୍ୱର ଜିଲ୍ଲା ହସ୍ପିଟାଲକୁ ବଦଳି କରାଯାଇଛି। ତୁରନ୍ତ ସରକାର ଏହାକୁ ବିଚାରକୁ ନେଇ ବିଶେଷଜ୍ଞ ଓ ଟେକ୍ନିସିଆନଙ୍କୁ ନିଯୁକ୍ତି ଦେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟର ସ୍ଥିତା ଅବସ୍ଥା ବଜାୟ ରଖିବା ପାଇଁ ଖବରଦାତା ସମ୍ମିଳନି ମାଧ୍ୟମରେ ନିବେଦନ କରିଛନ୍ତି ସଂଘର ସଭାପତି ଅନୁଜ କୁମାର ମହାପାତ୍ର। ଏହା ବ୍ୟତୀତ ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ଏହାର ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବିଧାୟିକାଙ୍କୁ ମଧ୍ୟ ନିବେଦନ କରିଛନ୍ତି ସଂଘର ସଦସ୍ୟ କୁଶଧ୍ୱଜ ଜେନା, ଗୋପିନାଥ ଗଙ୍ଗାଇ,ଏସକେ ମସରୁମ, ସେଖ ମୁନ୍ନା, ଦେବେନ୍ଦ୍ର ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।ସରକାର ଆଗାମୀ ଦିନରେ ହସ୍ପିଟାଲ ରେ ସମସ୍ୟା ସମାଧାନ ନକଲେ ଜନ ଆନ୍ଦୋଳନର ଚେତାବନୀ ଦେଇଛି ସଂଘ।

# ମାର୍ଚ୍ଚ ୩୧ ସୁଦ୍ଧା ସବୁ ଧାନ କିଣିବେ ସରକାର

ଭୁବନେଶ୍ୱର, ୨୪/୨ (ନି.ପ୍ର): ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସରକାର ଚାଷୀଙ୍କ ଠାରୁ ସବୁ ଧାନ କିଣିବେ । କୌଣସି ଟୋକନ ଲାପ୍ସ ହେବନି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଚାଷୀଙ୍କ ଠାରୁ କୁଇଂଟାଲ ପିଛା ୩୧୦୦ରେ କିଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିାଲ ଏବଂ ତାହା କରୁଛନ୍ତି। ୮୦୦ ଟଙ୍କା ଇନପୁଟ ସବସିଡି କଥା କୁହାଯାଇ ନଥିଲା। ଏବେ ସୁଦ୍ଧା ୧୫ ଲକ୍ଷ ଚାଷୀଙ୍କଠୁ ୬୪ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ଧାନ କିଣା ସରିଛି। ୩୧୦୦ ଟଙ୍କା ହିସାବରେ ୧୮ ହଜାର ୫୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୨୩-୨୦୨୪ ରେ ୫ ଲକ୍ଷ ଚାଷୀ ପଞ୍ଜୀକୃତ କରି ବି ଧାନ ବିକି ପାରି ନଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida